# ଖ୍ରୀଷ୍ଟମାସ୍ ଅବସରରେ ଉତ୍ସବମୁଖର ବାଲେଶ୍ୱର

## ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ଚର୍ଚ୍ଚ

ବାଲେଶ୍ୱର, ୨୫ ।୧୨(ସମିସ):



ଡିସେମ୍ବର୨୫ ତାରିଖକୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସ ଅର୍ଥାତ ଖ୍ରୀଷ୍ଟମାସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଉଥିବା ବେଳେ ବାଲେଶ୍ୱରରେ ମଧ ଏହାକୁ ପାଳନ କରାଯାଇଛି । ଏଥିପାଇଁ ବାଲେଶ୍ୱର ସହରର ସହରର କ୍ୟାଥୋଲିକ ଚର୍ଚ୍ଚ, ବାପଟିଷ୍ଟ ଚର୍ଚ୍ଚ ପ୍ରଭୃତି ସହିତ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କର ଘର ରଙ୍ଗୀନ ଆଲୋକମାଳାରେ ଝଲସି ଉଠିବା ସହ ସହର ଚଳଚଞ୍ଚଳ ହୋଇପଡ଼ିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନେ ଏହି ଉତ୍ସବକୁ ବେଶ ଜାକଜମକରେ ପାଳନ କରିଛନ୍ତି । ପ୍ରଭୁ ଯୀଶୁଙ୍କ ଆଗମନରେ୨୩ ତାରିଖ ସନ୍ଧ୍ୟାରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପକ୍ଷରୁ ଏକ ରାଲି ସହର ପରିକ୍ରମା କରିବା ସହିତ ସମସ୍ତଙ୍କୁ ଶାନ୍ତି ମୈତ୍ରିର ବାର୍ତ୍ତା ପ୍ରଦାନ କରିଥିଲା । ୨୫ତାରିଖ ସକାଳ ଠାରୁ ବାଲେଶ୍ୱର ସହରର ଦୁଇଟି ପ୍ରମୁଖ ଗୀର୍ଜାରେ ଦର୍ଶକ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା । ୨୪ତାରିଖ ରାତିରେ ଖ୍ରୀଷ୍ଟଧର୍ମୀ ମହିଳା, ପୁରୁଷ, ଯୁବକ ଓ ଯୁବତୀମାନେ ନୂଆଲୁଗା ପିନ୍ଧି ଚର୍ଚ୍ଚରେ ପହଞ୍ଚି ସାମୂହିକ ବାଇବେଲ ପାଠ ଏବଂ ପ୍ରାର୍ଥନା ସଭାରେ ଯୋଗଦାନ କରିଥିଲେ । ପରେ ପରସ୍ପରଙ୍କୁ ମେରି ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଥିଲେ । ଆଜିର ଦିନରେ ପ୍ରତ୍ୟେକଙ୍କ ଘରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ସହିତ ସ୍ୱତନ୍ତ୍ର ଖ୍ରୀଷ୍ଟମାସ କେକର ଆଦର ଦେଖାଯାଇଥାଏ । ଦୟା, କ୍ଷମା ଓ କରୁଣାର ପ୍ରତିକ ପ୍ରଭୁ ଯୀଶୁଙ୍କ ଜନ୍ମଦିନ 'ଖ୍ରୀଷ୍ଟମାସ' ପାଳନ ସମ୍ପ୍ରତି କେବଳ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ । ସବୁବର୍ଗର ଲୋକେ ଏହାକୁ ପାଳନ କରୁଥିବା ଲକ୍ଷ୍ୟ କରାଯାଇଛି ।

# ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ରକ୍ତଦାନ ଶିବିର



**ବାଲେଶ୍ୱର, ୨୫ ।୧୨(ସମିସ):** ବିଜେଡିର୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଜୁ ଯୁବ ଜନତା ଦଳ ବାଲେଶ୍ୱର ଜୋନ ପକ୍ଷରୁ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ ରାଉତ, ଶିକ୍ଷାବିତ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଏହି ଶିବରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବାଲେଶ୍ୱର ଜୋନ ବିଜୁ ଯୁବ ଜନତା ଦଳ ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ ଏଥିରେ ପୌରହିତ୍ୱ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ସେଠୀ, ବାଲେଶ୍ୱର ପୌର ପରିଷଦର କାଉନସିଲର ଅମିତ କୁମାର ନାୟକ, ଦେବାଶିଷ ସିଂ, ସଞ୍ଜିବ ଦାସ, ରଞ୍ଜିତା ମହାପାତ୍ର, ସଲିମା ବିବି, ପ୍ରୀତିଲତା ସେଠୀଙ୍କ ସମେତ ଆଶ୍ରିତା ତରେଇ, ମିନତୀ ସେଠୀ, ଶ୍ରମିକ ନେତା ଶାନ୍ତନୁ ଦାସ, ଯଯାତି ଦାସ, ଅସିତ ଦାସ, ବଂଶୀଧର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

# କବି କୃଷ୍ଣ କୁମାର ମହାନ୍ତିଙ୍କୁ 'ଟାଇମ୍‌ପାସ୍ ବେଷ୍ଟ ସେଲର୍' ପୁରସ୍କାର




**ବାଲେଶ୍ୱର, ୨୫।୧୨(ସମିସ):** କବିତା ପୁସ୍ତକ 'ରୁବି ରାଏ' ପାଇଁ ଟାଇମପାସ୍ ବେଷ୍ଟ ସେଲର୍ ପୁରସ୍କାର ୨୦୨୩ ବାଲେଶ୍ୱରର କବି, ଗାଳ୍ପିକ ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ଭୁବନେଶ୍ୱର ସ୍ଥିତ କେଲୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର୍ ପ୍ରେକ୍ଷାଳୟ ଗୃହରେ ଦିବସବ୍ୟାପୀ ଅନୁଷ୍ଠିତ 'ଉତ୍-ସାହିତ୍ୟ'ରେ ଏହି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଛି । ଟାଇମପାସ୍ ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରତିବର୍ଷ ତାଙ୍କ ପବ୍ଲିକେଶନର ପୁସ୍ତକ ମଧ୍ୟରୁ ଉପନ୍ୟାସ ଗଳ୍ପ କବିତା ଓ ଫିଚର୍ ବିଭାଗରୁ ସର୍ବାଧିକ ବିକ୍ରି ହୋଇଥିବା ବହି ପାଇଁ ସ୍ରଷ୍ଟାଙ୍କୁ ବେଷ୍ଟ ସେଲର୍ ପୁରସ୍କାର ଦିଆଯାଇଥାଏ । ଚଳିତ ବର୍ଷ କବିତା ବିଭାଗରେ ଶ୍ରୀ ମହାନ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଉପନ୍ୟାସ ପାଇଁ ଦେବବ୍ରତ ଦାସ, ଗଳ୍ପ ପାଇଁ ବିୟତପ୍ରଜ୍ଞା ତ୍ରିପାଠୀ, ଫିଚର୍ ପାଇଁ କ୍ଷୀରୋଦ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିବା ବେଳେ ସରଳ ଦାସଙ୍କୁ ବହିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନ ଉତ୍ସବରେ ବଙ୍ଗଳା ଭାଷାର ପ୍ରସିଦ୍ଧ କଥାକାର, ବର୍ତ୍ତମାନ ପତ୍ରିକାର ପୂର୍ବତନ ସମ୍ପାଦକ ତଥା ବଙ୍କିମ ପୁରସ୍କାର ବିଜେତା ଜୟନ୍ତ ଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରସିଦ୍ଧ ଓଡ଼ିଆ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟୀ କବି ଆଶୁତୋଷ ପରିଡ଼ା, ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କୃତ ପ୍ରତିଭାଙ୍କୁ ମାନପତ୍ର, ଉପଢୌକନ, ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ ବଳ ଆରମ୍ଭରୁ ଶେଷ ଯାଏଁ ସଭାକୁ ପରିଚାଳନା କରିଥିଲେ ।

# ଧାନବିଲରେ ଅଗ୍ନିକାଣ୍ଡ; ବ୍ୟାପକ କ୍ଷତି

**ବସ୍ତା ବ୍ଲକ, ୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ତଳତାପଣ୍ଡ ଗ୍ରାମରେ ଅଗ୍ନିକାଣ୍ଡ ଘଟି ପାଚିଲା ଧାନ ବିଲ ପୋଡ଼ି ଯାଇଥିବା ଜଣାପଡ଼ିଛି । ପ୍ରକାଶ ଯେ ସୋମବାର ମଧ୍ୟାହ୍ନରେ ହଠାତ ଚାଷ ଜମି ସବୁ ଜଳୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ମଝି ବିଲରେ ଶୁଖିଲା ଧାନଗଛ ଏପଟେ ବିଲ ପାଖରେ ପାଣିର ସୁବିଧା ନ ଥିବାରୁ ବସ୍ତା ଦମକଳକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚିଥିଲେ ମଧ୍ୟ ଗାଡି ବିଲ ଭିତରକୁ ପଶିପାରି ନ ଥିଲା । ଦମକଳ କର୍ମଚାରୀ ଓ ଅଞ୍ଚଳବାସୀ ପିଟି ପିଟି ନିଆଁକୁ ଆୟତ୍ତ କରିଥଲେ । ଧାନ କଟାପରେ ବିଲରେ ପଡ଼ିଥିବା ନଡ଼ା ଗଦାକୁ କେହି ପୋଡୁଥିବା ବେଳେ ସେଥିରୁ ନିଁଆ ଉଡ଼ି ଆସି ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । କ୍ଷୟକ୍ଷତି ସମ୍ବନ୍ଧରେ କୌଣସି ସୂଚନା ମିଳିନାହିଁ ।

# ବାଲି ଡମ୍ଫର ଜବତ; ଡ୍ରାଇଭର ଗିରଫ

**ଚୌକି, ୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ସୀମାନ୍ତ ଭୋଗରାଇ ୫୭ ନଂ ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥରେ ବେଆଇନ ଭାବେ ଶତାଧିକ ଟ୍ରାକ୍ଟର ଓ ଡ଼ମ୍ଫର ବାଲି ଚୋରାରେ ଚାଲାଣ ହେଉଥିବା ବେଳେ । ତାଳସାରି ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତ ଠାରେ ପଶ୍ଚିମବଙ୍ଗର ଦୀଘା, ରାମନଗର, କାନ୍ଥି ଆଦି ଅଞ୍ଚଳକୁ ବାଲି ବୋଝେଇ ଡମ୍ଫର ଯାଉଥିଲା ବେଳେ ଡମ୍ଫର ଗାଡିକୁ ଅଟକାଇ ଜବତ କରିବା ସହିତ ଗାଡିର ଡ୍ରାଇଭର ଚନ୍ଦନ କୁମାର କାମିଲାଙ୍କୁ ତାଳସାରି ସାମୁଦ୍ରିକ ଥାନାରେ ଅଟକ ରଖି ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି ।

# ପାରିଷଦଙ୍କ ଘରୁ ଚୋରି

**ସୋର, ୨୫।୧୨(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ୮ ନମ୍ବର ୱାର୍ଡ ଅଡ଼ଙ୍ଗ ବଜାର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ପାରିଷଦଙ୍କ ଘରର ଚାବି ଭାଙ୍ଗି ନଗଦ ଟଙ୍କା ସହ ସୁନାଗହଣା ଏବଂ ଏକ ସାଇକଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଏହି ୱାର୍ଡର ପାରିଷଦ ପବିତ୍ର ସେଠୀଙ୍କ ପରିବାର ଗତକାଲି ରାତିରେ ଖାଇପିଇ ଶୋଇଥିଲେ । କିନ୍ତୁ ସକାଳେ ଉଠିବା ପରେ ତାଙ୍କ ଜେଜେମାଙ୍କ ଶୋଇବା ଘରର ଚାବି ଭଙ୍ଗାଯାଇ ବିଭିନ୍ନ ପର୍ସରେ ଥିବା ୮୦ ହଜାର ଟଙ୍କା, ଏକ ହଳ ସୁନା କାନଫୁଲ ଏବଂ ଏକ ସାଇକଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏ ବାବଦରେ ପବିତ୍ର ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପୂର୍ବାହ୍ନରେ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ।

# ୨୧ତମ 'ଉତ୍କଳ-ବଙ୍ଗ ଉତ୍ସବ' ଉଦ୍‌ଘାଟିତ



**ଭୋଗରାଇ, ୨୫।୧୨(ସମିସ):** ଅଲ୍ ଇଣ୍ଡିଆ ଅଗ୍ରଗାମୀ ହେଣ୍ଡିକେପ୍ଡ ସମିତି ପକ୍ଷରୁ ଓଡ଼ିଶା -ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର-ପଦିମା ପଞ୍ଚାୟତର ସଂଯୋଗସ୍ଥଳରେ ବିଗତ ୨୧ ବର୍ଷ ଧରି ମହାଆଡମ୍ବରରେ ଅନୁଷ୍ଠିତ ହୋଇଆସୁଥିବା 'ଉତ୍କଳ -ବଙ୍ଗ ଉତ୍ସବ' ରବିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବକୁ ପଶ୍ଚିମବଙ୍ଗ ଦୀଘା ବୋର୍ଡର ବଜାର କମିଟି ସମ୍ପାଦକ ନବୀନ ବେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅଲ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ବେହେରାଙ୍କ ପୌରହିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସାନ୍ଧ୍ୟ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଦାସ, ବିଶିଷ୍ଟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ବିଶିଷ୍ଟ ଅତିଥି ଭାବେ ପଶ୍ଚିମବଙ୍ଗ ପଦିମା ପଞ୍ଚାୟତ ସଦସ୍ୟ ତଥା ପଞ୍ଚାୟତ ଶିକ୍ଷା କର୍ମାଧ୍ୟକ୍ଷ ପରିମଳ ଗିରି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭଗବାନ ଚନ୍ଦ୍ର ବେହେରା ଓ ଗଣେଶ ଚନ୍ଦ୍ର ବେହେରା, ଦୀଘା ବୋର୍ଡର ବଜାର କମିଟି ସଭାପତି ଅମଳେନ୍ଦୁ ଜାନା, ପଶ୍ଚିମବଙ୍ଗ ଦତ୍ତପୁର ଅଞ୍ଚଳର ପୂର୍ବତନ ଗ୍ରାମ ସଦସ୍ୟ ପ୍ରଶାନ୍ତ ଜାନା ଓ ସୁଶାନ୍ତ ବେରା, ଦୀଘା ବିଦ୍ୟୁତ କର୍ମଚାରୀ ସଂଘ ପ୍ରତିନିଧି ସିଦ୍ଧାର୍ଥ ପାତ୍ର, ସମାଜସେବୀ ଟୁକନ ଜାନା ଓ ସୁବଳ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଜଗନ୍ନାଥ ଗିରି, ପ୍ରିୟବ୍ରତ ମହାପାତ୍ର ଓ ରାଧାକାନ୍ତ ପ୍ରଧାନ, ଆଇନଜୀବି ୱତନ ରାଜ ପ୍ରମୁଖ ଯୋଗଦେଇଥିଲେ । ଅଲ ଇଣ୍ଡିଆ ଅଗ୍ରଗାମୀ ହେଣ୍ଡିକେପ୍ଡ ସମିତିର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିର୍ଦ୍ଧା ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସମାଜସେବୀ ପିଣ୍ଟୁ ଜାନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଳ୍ପ ଓ ଗ୍ରାହକ ଏବଂ ଅଟୋ ଏକ୍ସପୋ ଉଦ୍‌ଯାପିତ




**ବାଲେଶ୍ୱର, ୨୫ ।୧୨(ସମିସ):** ବାଲେଶ୍ୱର ସହର ଉପକଣ୍ଠ ବାମପଦା ସ୍ଥିତ ନୋସି ବିଜନେସ ପାର୍କ ଠାରେ ଉତ୍ତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ପକ୍ଷରୁ ୪ଦିନ ଧରି ଚାଲିଥିବା ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ ଉଦଯାପିତ ହୋଇଯାଇଛି । ଏଥିରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ନୋସିର ସଭାପତି ପ୍ରଜୟ କୁମାର ଡାଡେଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ନୀଳଗିରି ଉପଜିଲ୍ଲାପାଳ ମନ୍ଦାରଧର ମହାଳିକ, ଭାରତ ସରକାରଙ୍କ ଏମଏସଏମଇ ବିଭାଗ ସହ ନିର୍ଦ୍ଦେଶକ ଭିକେ ଗୁପ୍ତା, ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ପି.କେ ନାୟକ, ରାଇରଙ୍ଗପୁର ଶିଳ୍ପ ସଂଘର ସଭାପତି ବି.ଏନ ଅଗ୍ରୱାଲ, ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଘ ସମ୍ପାଦକ ସୌମ୍ୟରୂପ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟତା ପାଇଁ ଉଦ୍ୟୋଗୀ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ନୋସି କାର୍ଯ୍ୟକାରିଣୀ ସଦସ୍ୟ ହର୍ଷ ଗୁପ୍ତା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ନୋସି ସମ୍ପାଦକ ହରିଶ ପଟେଲ ଧନ୍ୟବାଦ ଦେଇଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଖଇରାରେ ଧାନମଣ୍ଡି ଉଦ୍‌ଘାଟିତ



**ଖଇରା, ୨୫ ।୧୨(ସମିସ):** ସୋମବାର ଦିନ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନରେ ୬ ଧାନମଣ୍ଡି ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବିବିସିସି ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ପ୍ରଥମେ ଅତିଥିମାନେ କୁରୁଡା ସେବା ସମବାୟ ସମିତି ଗସ୍ତ କରି ଧାନମଣ୍ଡିର ଶୁଭ ଉଦଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ମାନସ ଦାସ, ସଭାପତି ମୁକୁନ୍ଦ ନାୟକ ଓ ସମ୍ପାଦକ ଗଜେନ୍ଦ୍ର ଜେନା ଉପସ୍ଥିତ ଥିଲେ । ସେହିଭଳି ଖଇରା ସମବାୟ ସମିତି ସଭାପତି ସୌମ୍ୟ ରଞ୍ଜନ ନାୟକ ଓ ସମ୍ପାଦକ ଶ୍ରୀକାନ୍ତ ପଲେଇ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ରଙ୍କ ଉପସ୍ଥିତିରେ ମଣ୍ଡି ଖୋଲାଯାଇଥିଲା । ପରେ ପଳସା ସମବାୟ ସମିତି ସଭାପତି ହେମନ୍ତ ପୃଷ୍ଟି, ସମ୍ପାଦକ ରାଜେଶ ପାତ୍ରଙ୍କ ସମେତ ଶତାଧିକ ଚାଷୀଙ୍କ ଉପସ୍ଥିତିରେ ପଳସା ଏବଂ ସଭାପତି ସମ୍ପଦ ଘଡେଇ, ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଉପସ୍ଥିତିରେ ଗୋଳିହା ମଣ୍ଡିର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହାଛଡା ଡୁଙ୍ଗୁରାରେ ସଭାପତି ଶତ୍ରୁଘ୍ନ ମହାନ୍ତି, ସରପଞ୍ଚ ପ୍ରକାଶ ଲେଙ୍କାଙ୍କ ଉପସ୍ଥିତିରେ ମଣ୍ଡିର ପୂଜାର୍ଚ୍ଚନା କରାଯାଇଥିଲା । ଶେଷରେ ଅନ୍ତରା ସେବା ସମବାୟ ସମିତିରେ ସଭାପତି ଅଜୟ ସାମଲ, ସମ୍ପାଦକ ବିକାଶ ନାୟକ, ସରପଞ୍ଚ ରଶ୍ମିତା ଜେନା, ସମିତିସଭ୍ୟା ସବିତାରାଣୀ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ ।

# 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ସୁଶାସନ ଦିବସ

**ବାଲେଶ୍ୱର, ୨୫ ।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୯ ତମ ଜୟନ୍ତୀ ପାଳନ ଅବସରରେ ଫ୍ୟୁଚର ବାଲେଶ୍ୱର ସଂଗଠନ ପକ୍ଷରୁ 'ସୁଶାସନ ଦିବସ' ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ପାଳିତ ହୋଇଯାଇଛି । ସଂଗଠନର ସଭାପତି ଆଇନଜୀବୀ ବିଜୟ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ । ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତୀୟ ଅଧ୍ୟକ୍ଷ ଗୌରୀ ପ୍ରସାଦ ରଥ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସାହିତ୍ୟିକ ଡ. ରାଧାରଞ୍ଜନ ପଟ୍ଟନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନଗର ପ୍ରମୁଖ ଗୋପାଳକୃଷ୍ଣ ନାୟକ, ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସମ୍ପାଦିକା ମମତା ମହାପାତ୍ର, ସାମ୍ବାଦିକ ସୃଷ୍ଟିଧର ପରିଡ଼ା, କବି କାଳିପଦ ପଣ୍ଡା, ସମାଜସେବୀ ଯାଦବେଶ ମିଶ୍ର ପ୍ରମୁଖ ଏଥିରେ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବହୁବିଧ ପ୍ରତିଭା ଓ ରାଷ୍ଟ୍ର ନିର୍ମାଣରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଶିକ୍ଷାବିତ ସତ୍ୟଜିତ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନର ସଦସ୍ୟ ଓ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ଅସ୍ମିତଙ୍କୁ ସୁପର ଜୁନିୟର ମିଷ୍ଟର ଓଡ଼ିଶା ସାଇନିଂ ଆଇକନ ଟାଇଟଲ



**ଚନ୍ଦନେଶ୍ୱର, ୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ନିକଟ କଖଡା ପଞ୍ଚାୟତର ସେହି ଗ୍ରାମର ଅମିତ କୁମାର ସାହୁ ଓ ପୂର୍ଣ୍ଣିମା ସାହୁଙ୍କ ପୁତ୍ର ଅସ୍ମିତ କୁମାର ସାହୁ ସାତ ବର୍ଷ ବୟସରେ ରାଉରକେଲାରେ ୨୩ ଡିସେମ୍ବରରେ ଅନୁଷ୍ଠିତ ସୁପର ଜୁନିୟର ମିଷ୍ଟର ଓଡ଼ିଶା ସାଇନିଂ ଆଇକନର ଟାଇଟଲ ହାସଲ କରିଛନ୍ତି । ଏଥି ପୂର୍ବରୁ ସେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ତାଙ୍କର ପ୍ରତିଭା ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଥିବା ସୂଚନା ମଧ ମିଳିଛି । ତାଙ୍କର ଏ କୃତିତ୍ୱ ପାଇଁ ମଡେଲିଂ, କଳା ଓ ନୃତ୍ୟଗୁରୁ ଅନୁରାଗ ବସୁ, ମନ୍ମୟ ଦେ, ଓମ ପ୍ରକାଶ ପାଣିଗ୍ରାହୀ, ଅଭୟ ସାହୁଙ୍କୁ ସେ ଶ୍ରେୟ ଦେଇଛନ୍ତି । ଅସ୍ମିତ ଆଗକୁ ଜଣେ ଅଭିନେତା ହେବାର ସ୍ୱପ୍ନ ଦେଖିଥିବା ସହିତ ତାଙ୍କର ଏ ପ୍ରକାର ବିଦ୍ୟାକୁ ଅଧିକ ସାଧନା କରି ଉଚ୍ଚସ୍ତରରେ ପହଞ୍ଚିବା ପାଇଁ ଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି ।

# ଲୋକାରଣ୍ୟ ତାଳସାରି ଓ ଉଦୟପୁର ବେଳାଭୂମି

ଚନ୍ଦନେଶ୍ୱର/ଚୌକି, ୨୫।୧୨(ସମିସ):

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ମନରୋମ ବେଳାଭୂମି ଉପାନ୍ତ ଉଦୟପୁର, ତାଳସାରି ତଥା ବିଚିତ୍ରପୁର ଇକୋ ଟୁରିଜିମ, କୀର୍ତ୍ତନିଆ ପର୍ଯ୍ୟଟନ ସ୍ଥଳରେ ଆଜି ବଡ଼ଦିନ ଉପଲକ୍ଷେ ପର୍ଯ୍ୟଟକଙ୍କ ଗହଳିରେ ଲୋକାରଣ୍ୟ ହୋଇଛି । ସେହିଭଳି ପଶ୍ଚିମବଙ୍ଗର ସୈକତ ସହର ଦୀଘା, ମନ୍ଦାରମଣି ଆଦି ବେଳାଭୂମିରେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା । ପର୍ଯ୍ୟଟକମାନେ ସକାଳୁ ସୂର୍ଯ୍ୟ ଉଦୟ ଦେଖିବା ସହିତ ସମୁଦ୍ରରେ ବୁଡ଼ପକାଇ ମଜା ଉଠାଇଥିଲେ । ତାଳସାରି ବେଳାଭୂମିରେ ନାଲି କଙ୍କଡ଼ାର ଲୁଚକାଳି ଖେଳ ସହିତ ଲୁଣି ଘାସର ଗାଲିଚା ଉପରେ ଶୀତୁଆ ସକାଳର ଟୋପାଟୋପା କାକର ଉପରେ ଭ୍ରମଣକରି ମଜା ନେଇଥିଲେ । ମାତ୍ର ଜଙ୍ଗଲ ବିଭାଗର କଟକଣା ହେତୁ ବଣଭୋଜି କରି ନ ପାରି ନିରାଶ ହୋଇ ଦୀଘା ମୁହାଁ ଯାଇଥିଲେ । ଦୀଘାରେ ପର୍ଯ୍ୟଟକମାନେ ଝାଉଁ ଜଙ୍ଗଲ ମଧ୍ୟରେ ବଣଭୋଜି କରି ମଜା ମସ୍ତି କରିଥିଲେ । ସେହିପରି ଅମରାବତୀ ପାର୍କ, ଜୁରାସିକ ପାର୍କ, ସାଇନ୍ସ ମିୟୁଜିୟମ, ଟୟ ଟ୍ରେନରେ ପ୍ରବଳ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା । ଉଦୟପୁର ବେଳାଭୂମିରେ ସୋମବାର ସକାଳେ ବିହାର ରାଜ୍ୟର ପାଟଣା ଅଞ୍ଚଳର ଯୁବକ ଅବିନାଶ କୁମାର(୩୫) ସମୁଦ୍ରରେ ଗାଧୋଉଥିବା ବେଳେ ଭାସିଯାଇ ତାଙ୍କର ମୃତ୍ୟୁ ହୋଇଯାଇଛି । ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରିବା ପରେ ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ପୁଲିସ ମୃତଦେହ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ଅପରପକ୍ଷରେ ବିସ୍ତୀର୍ଣ୍ଣ ତାଳସାରି, ଉଦୟପୁର ବେଳାଭୂମି ପର୍ଯ୍ୟଟକଙ୍କୁ ଯେତିକି ଆକୃଷ୍ଟ କରିଛି ତା'ଠାରୁ ଅଧିକ ନିରାଶ କରିଛି । ଏହି ଦୁଇ ବେଳାଭୂମି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିବା ବେଳେ ବେଆଇନ ମଦ କାରବାର ଓ ଖୋଲା ଆକାଶ ତଳେ ବେଳାଭୂମିରେ ମଦ୍ୟପାନ ହେଉଥିବାରୁ ପର୍ଯ୍ୟଟକ ଆସିବାକୁ କୁଣ୍ଠାବୋଧ କରୁଛନ୍ତି । ଆଗକୁ ନୂଆବର୍ଷ ଆସୁଛି ତୁରନ୍ତ ରାଜ୍ୟ ସରକାର, ପର୍ଯ୍ୟଟନ ବିଭାଗ, ଜଙ୍ଗଲ ବିଭାଗ, ପ୍ରଶାସନ ଏହି ବେଳାଭୂମି ଦ୍ୱୟକୁ ମଦମୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ସୁଶାନ୍ତ ବେହେରା, କାହ୍ନୁ ଚରଣ ବେହେରା, ସୁଧୀର ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ଅରୁଣ ଗିରି, ବିମଳ ବେହେରା, ବାସୁଦେବ ବେହେରା, ଶ୍ରୀକାନ୍ତ ବେହେରା, ଶ୍ରାବଣୀ ପଟ୍ଟାୟତ ପ୍ରମୁଖ ଦାବି କରିଛନ୍ତି ।



● ବଣଭୋଜି କରି ନ ପାରି ନିରାଶ ପର୍ଯ୍ୟଟକ
● ସମୁଦ୍ରରେ ଭାସିଯାଇ ଯୁବକ ମୃତ

# 'ଆଇନେକ୍ସ' ଓ 'ପ୍ରୟାସ'ର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୨୫।୧୨(ସମିସ):** ଆଇନେକ୍ସ କମ୍ପ୍ୟୁଟର ଏଜୁକେଶନ ଏବଂ ପ୍ରୟାସ କମ୍ପିଟେଟିଭର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ସ୍ଥାନୀୟ ଆଜିମାବାଦରେ ଆୟୋଜିତ ହୋଇଯାଇଛି। ଭୋଗରାଇ ଆଇନେକ୍ସ ମୁଖ୍ୟ ପ୍ରିୟବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବାଲେଶ୍ୱର ଜିଲ୍ଲାର ଆଡସନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ଅନୀଲ ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନେକ୍ସ ଏବଂ ପ୍ରୟାସ ଅଧ୍ୟକ୍ଷ ରାଜକିଶୋର ପଣ୍ଡା ମଞ୍ଚାସୀନ ଥିଲେ। ସଭାରେ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟକର୍ତ୍ତା ବ୍ୟତିତ ଅଭିଭାବକ ଏବଂ ଅନ୍ୟାୟ ଅତିଥିମାନେ ଯୋଗଦାନ କରିଥିଲେ।

# ବିଜେପି କାର୍ଯ୍ୟାଳୟରେ ଆଲୋଚନାଚକ୍ର

**ବାଲେଶ୍ୱର, ୨୫।୧୨(ସମିସ):** ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟର ବୈଠକ ଗୃହରେ ବାଲେଶ୍ୱର ଜିଲ୍ଲା ବିଜେପିର ସାମାଜିକ ଗଣମାଧ୍ୟମ ଟିମ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାମାଜିକ ଗଣମାଧ୍ୟମ ଆବାହକ ଉମାକାନ୍ତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲା ସାମାଜିକ ଗଣମାଧ୍ୟମ ଆବାହକ ରଣଜିତ ପୃଷ୍ଟି ସଭାପତିତ୍ୱ କରିଥିଲେ। ଜିଲ୍ଲା ପ୍ରଭାରୀ ପୀତବାସ ନାୟକ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। କ୍ଷତ୍ରିୟ ସଂଯୋଜକ ନିଗମାନନ୍ଦ ମହାନ୍ତି, ଜିଲ୍ଲା ଆଇଟି ସଂଯୋଜକ ହୃଷିକେଶ ଶତପଥୀ, ଜିଲ୍ଲା କମିଟି ସଦସ୍ୟ ଦିଗନ୍ତ ସାହୁ, କମଲଲୋଚନ ପ୍ରଧାନ, ସୁସ୍ମିତା ପଣ୍ଡା, ସୁଇଟି ବାରିକ, ପ୍ରୀତମ ପ୍ରୟାସ ପାଢ଼ୀ, ଜିତେନ୍ଦ୍ର ଷଡ଼ଙ୍ଗୀ, ରାଜ ଆର୍ଯ୍ୟନ ମହାନ୍ତି, ଇପ୍ସିତ ପ୍ରୟାସ ରଥ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସୁମନ୍ତ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ଦମ୍ପତି

**ବାଲେଶ୍ୱର, ୨୫।୧୨(ସମିସ):**

ଦିବ୍ୟାଙ୍ଗ ଭିନ୍ନକ୍ଷମଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ମାତ୍ର ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ବାଲେଶ୍ୱର ଜିଲ୍ଲାର ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଏଭଳି ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ହେଉଛନ୍ତି, ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ସହଦେବଖୁଣ୍ଟାର ଯୋଗେନ୍ଦ୍ର ଷଣ୍ଢ (୪୭)। ଜନ୍ମରୁ ଯୋଗେନ୍ଦ୍ର ଦିବ୍ୟାଙ୍ଗ। ତାଙ୍କର ଦୁଇଟି ଗୋଡ ଅଚଳ ହୋଇଥିବା ଯୋଗୁଁ ସେ ଟ୍ରାଇସାଇକଲରେ ଚଳପ୍ରଚଳ କରନ୍ତି। ଯୋଗେନ୍ଦ୍ରଙ୍କ ପତ୍ନୀ ସୁଲୋଚନା ମଧ୍ୟ ଜନ୍ମରୁ ଦିବ୍ୟାଙ୍ଗ। ତେବେ ଏହି ଦିବ୍ୟାଙ୍ଗ ଗରିବ ଦମ୍ପତିଙ୍କର ଦୁଇଟି ପୁଅ। ବଡ ପୁଅ ମାଟ୍ରିକ ପର୍ଯ୍ୟନ୍ତ ପଢ଼ିବା ପରେ ଘରର ଆର୍ଥିକ ଅଭାବ ପାଇଁ ଆଉ ଅଧିକ ପଢ଼ି ପାରିଲା ନାହିଁ। ସାନ ପୁଅ ଅଷ୍ଟମ ଶ୍ରେଣୀରେ ପଢୁଛି। ଯୋଗେନ୍ଦ୍ର ଜଣେ ଇଲେକ୍ଟ୍ରି ମିସ୍ତ୍ରୀ ହୋଇଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କର ବିଦ୍ୟୁତ ଉପକରଣ ମରାମତି କରନ୍ତି। ସହଦେବଖୁଣ୍ଟା ବସ ଷ୍ଟାଣ୍ଡ ନିକଟରେ ଏକ କେବିନରେ ବସି ଦିନସାରା କାମ କରି ଚାରିଶହ ପାଞ୍ଚଶହ ଟଙ୍କା ରୋଜଗାର କରନ୍ତି। ଦିବ୍ୟାଙ୍ଗ ପତ୍ନୀ ସୁଲୋଚନା ନିକଟସ୍ଥ ଏକ ବ୍ୟବସାୟ ସଂସ୍ଥାରେ ଗୋଟିଏ ସ୍ଥାନରେ ବସି ରହି ଦିନସାରା ବିକ୍ରି ସାମଗ୍ରୀ ପ୍ୟାକିଂ କାର୍ଯ୍ୟ କରନ୍ତି। ହେଲେ ଏହି ଦିବ୍ୟାଙ୍ଗ ବ୍ୟକ୍ତି ଦୁଇଜଣଙ୍କର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଅଧିକ ସମୟ ପରିଶ୍ରମ କରିପାରୁନାହାନ୍ତି। ତେଣୁ ବର୍ତ୍ତମାନ ସେମାନଙ୍କର ରୋଜଗାର ଖୁବ କମ ହେଉଥିବାର କହିଛନ୍ତି। ଏହି ଦୁଇଜଣ ପତିପତ୍ନୀ



୮୦ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାରୁ ସରକାରଙ୍କ ତରଫରୁ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ଉଭୟଙ୍କୁ ସାତଶହ ସାତଶହ ଚଉଦ ଶହ ଟଙ୍କା ଭତ୍ତା ମିଳୁଛି। ଆଉ ରେସନ କାର୍ଡରେ ଚାଉଳ ମଧ ପାଉଛନ୍ତି। ଏହି ହେଉଛି ଯୋଗେନ୍ଦ୍ର ଓ ସୁଲୋଚନାଙ୍କ ପରିବାରର ବର୍ତ୍ତମାନ ମୁଖ୍ୟ ରୋଜଗାର। ଏହି ରୋଜଗାରରେ ଚାରି ପ୍ରାଣୀ ଚଳିବା ଭାରି କଷ୍ଟ ହେଉଛି। ଯଦି ସରକାରୀ ଆର୍ଥିକ ସହାୟତା ମିଳନ୍ତା, ତାହେଲେ ଯୋଗେନ୍ଦ୍ର ବିଦ୍ୟୁତ ଉପକରଣ ମରାମତି କରିବା ପାଇଁ ଏକ ୱାର୍କସପ କରି ଭଲ ରୋଜଗାର କରିପାରିବେ ବୋଲି କହିଛନ୍ତି। ଅପରପକ୍ଷରେ ଯୋଗେନ୍ଦ୍ରଙ୍କ ଭଳି ଜିଲ୍ଲାରେ ଅନେକ ଦିବ୍ୟାଙ୍ଗ ଅଛନ୍ତି, ଯେଉଁମାନଙ୍କୁ ସରକାରୀ ଆର୍ଥିକ ସହାୟତା ମିଳିଲେ, ସେମାନେ ନିଜର ଦକ୍ଷତା ପ୍ରତିପାଦନ କରିପାରିବା ସହିତ ସ୍ୱାବଲମ୍ବୀ ହୋଇପାରନ୍ତେ। ବାଲେଶ୍ୱର ଜିଲ୍ଲାର ୨୦୧୧ ସର୍ଭେକ୍ଷଣ ଅନୁସାରେ ୭୦, ୭୩୬ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ଅଛନ୍ତି। ଏଥି ମଧ୍ୟରୁ ମଧୁବାବୁ ଭତ୍ତା ପାଞ୍ଚଶହ ଟଙ୍କା ଲେଖାଏଁ ୨୭, ୪୫୪ ଜଣ ପାଉଥିଲା ବେଳେ ଇନ୍ଦିରାଗାନ୍ଧୀ ପେନସନ ଯୋଜନାରେ ୭ ଶହ ଟଙ୍କା ଲେଖାଏଁ ୪୦୨୫ ଜଣ ଦିବ୍ୟାଙ୍ଗ ପାଉଛନ୍ତି। ସେହିଭଳି ଅନଲାଇନ ମାଧ୍ୟମରେ ୫୦ ହଜାର ୧୮୮ଜଣ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ପୁଣି ୨୦୧୬ ମସିହାଠାରୁ ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୮୩୪୨ଜଣ ଦିବ୍ୟାଙ୍ଗ ସହାୟତା ଉପକରଣ ପାଇଛନ୍ତି। ହେଲେ ଡିଆରଆଇ ସ୍କିମରେ ଜିଲ୍ଲାରୁ ମାତ୍ର ୧୮ ଜଣ ଦିବ୍ୟାଙ୍ଗ ୨୦ହଜାର ଟଙ୍କା ଲେଖାଏଁ ଚାରି ପ୍ରତିଶତ ସୁଧରେ ଋଣ ଅର୍ଥ ରାଶି ପାଇଛନ୍ତି। ଏହାବାଦ ଜିଲ୍ଲାରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଠ ପଢ଼ିବା ପାଇଁ ସରକାରୀ ଅନୁଦାନରେ ୯ଟି ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ମୋଟ ୫୩୪ଜଣ ଦିବ୍ୟାଙ୍ଗ ପିଲା ପାଠ ପଢୁଛନ୍ତି। ଏହି ପିଲାଙ୍କୁ ସରକାରଙ୍କ ତରଫରୁ ବାଣୀଶ୍ରୀ ଓ ନ୍ୟାସନାଲ ସ୍କଲାରସିପ ଦ୍ୱାରା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ୨୦୨୨-୨୩ରେ ୧୯୪୭ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବାଣୀଶ୍ରୀ ସ୍କଲାରସିପ ପାଇଛନ୍ତି। ସେହିଭଳି ୨୦୨୩-୨୪ରେ ୧୧ଶହ ଛାତ୍ରଛାତ୍ରୀ ବାଣୀଶ୍ରୀ ସ୍କଲାରସିପ ପାଇଥିବା ଜଣାଯାଇଛି। ଏହାବାଦ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଅନ୍ୟ ଜଣେ ସକ୍ଷମ ବ୍ୟକ୍ତିଙ୍କୁ ବିବାହ କଲେ ସରକାରୀ ଯୋଜନାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଢେଇ ଲକ୍ଷ ଟଙ୍କା ସରକାରୀ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ୨୦୨୨-୨୩ରେ ଏହି ଜିଲ୍ଲାର ୬୭ଜଣ ଦିବ୍ୟାଙ୍ଗ ବ୍ୟକ୍ତି ସକ୍ଷମ ବ୍ୟକ୍ତିଙ୍କୁ ବିବାହ କରି ଅଢେଇ ଲକ୍ଷ ଟଙ୍କା ଲେଖାଏଁ ସରକାରୀ ଅନୁଦାନ ପାଇଥିଲା ବେଳେ ୨୦୨୩-୨୪ରେ ୫୧ଜଣ ଦିବ୍ୟାଙ୍ଗ ବ୍ୟକ୍ତି ଏହି ସରକାରୀ ଅନୁଦାନ ପାଇଥିବା ଜଣାଯାଇଛି। ତେବେ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯାଇ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ଉଦ୍ୟମ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଓ ଖାମଖିଆଲ ପାଇଁ ଜିଲ୍ଲାର ଯୋଗେନ୍ଦ୍ର ଓ ସୁଲୋଚନା ଭଳି ଅନେକ ଦକ୍ଷ ଦିବ୍ୟାଙ୍ଗ ବ୍ୟକ୍ତି ଏହି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଜଣାଯାଇଛି।

# 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ




**ବାଲେଶ୍ୱର, ୨୫।୧୨(ସମିସ):** ରେମୁଣା ନିର୍ବାଚନ ମଣ୍ଡଳୀର କୁରୁଡ଼ା ହାଟ ପଡ଼ିଆରେ ଚାଲିଥିବା ନୂଆ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡା ଉତ୍ସବ ଶନିବାର ଅପରାହ୍ନରେ ରେମୁଣା କଲେଜ ପଡ଼ିଆରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉପସ୍ଥିତ ଥିଲେ। ରେମୁଣା ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଏନଏସିର ଅଧ୍ୟକ୍ଷା ତନୁଜା ଗିରି, ଏନଏସିର ଉପାଧ୍ୟକ୍ଷ ଏହେସନ ଖାନ, ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ତହସିଲଦାର ଅନୁପ ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ରାମକୃଷ୍ଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କମଳଲୋଚନ ପଣ୍ଡା, ସରପଞ୍ଚ ତାପସ ପାଣିଗ୍ରାହୀ, ସମିତିସଭ୍ୟ ଗିରିଶ ଦଳେଇ, ସତ୍ୟ ନାରାୟଣ ବିଶ୍ୱାଳ, ବିକାଶ ପଣ୍ଡା, ଦୀପକ ଚଣ୍ଡ ବ୍ଲକର ସମସ୍ତ କର୍ମଚାରୀ, ଜିଆରଏସ ଏବଂ ନିର୍ବାଚିତ ପ୍ରତିନିଧିମାନେ ସହଯୋଗ କରିଥିଲେ।

# ନୂତନ ବ୍ଲକ୍ ଓ ତହସିଲ ପ୍ରତିଷ୍ଠା ପାଇଁ ବୈଠକ

**ବାଲେଶ୍ୱର, ୨୫।୧୨(ସମିସ):** ରସାଳପୁର ପଶୁ ଡାକ୍ତରଖାନା ପରିସରରେ ନୂତନ ବ୍ଲକ ଓ ତହସିଲ ପ୍ରତିଷ୍ଠା ପାଇଁ ବିପିନ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକର ରସାଳପୁର, ଜୟଦେବ କସବା, ବର୍ଦ୍ଧନପୁର, ପଦ୍ମପୁର, ଗୁଡୁ, ଶାସଙ୍ଗ ଓ ରେମୁଣା ବ୍ଲକର ତାଳପଦା, ଶ୍ରୀଜଙ୍ଗ, ମହାରଜପୁର, କୁଳିଗାଁ, ବରୁଣସିଂ, ତୁଣ୍ଡୁରା ଓ ଇଞ୍ଚୁଡ଼ିକୁ ନେଇ ରସାଳପୁରଠାରେ ନୂତନ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଖୋଲିବା ପାଇଁ ଜୋରଦାର ଦାବି କରାଯାଇଥିଲା। ତାଳପଦା ଭଳି ପଞ୍ଚାୟତ ବ୍ଲକ ମହକୁମାଠାରୁ ୪୫ କିଲୋମିଟର ଦୂରରେ ରହିଛି। ବହୁ ପଞ୍ଚାୟତର ସାଧାରଣ ଲୋକ ବ୍ଲକକୁ ଯିବା ସମ୍ଭବ ହେଉ ନାହିଁ। ଫଳରେ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଅନ୍ୟପଟେ ସର୍ବସାଧାରଣ ଲୋକେ ଗମନାଗମନ ଅଭାବରୁ ନାନାଦି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଭଳି ଅସୁବିଧାର ସ୍ଥାୟୀ ସମାଧାନ ପାଇଁ ରସାଳପୁରଠାରେ ବ୍ଲକ ଓ ତହସିଲ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏଥିପାଇଁ 'ରସାଳପୁର ବ୍ଲକ ଓ ତହସିଲ କ୍ରିୟାନୁଷ୍ଠାନ କମିଟି' ନାମରେ ଏକ ସଂଗଠନ ତିଆରି କରାଯାଇଥିଲା। ଏହି କମିଟିରେ ମୁଖ୍ୟ ଉପଦେଷ୍ଟା ଭାବରେ ଅବସରପ୍ରାପ୍ତ ପ୍ରଶାସକ ଗଙ୍ଗାଧର ଦାସ, ସଭାପତି ବିପିନ ବିହାରୀ ଦାସ, ମହାସଚିବ ଅଜୟ ବାରିକ, ଉପସଭାପତି ଲୋକନାଥ ଶତପଥୀ, ହରେନ୍ଦ୍ର ମଲ୍ଲିକ, ହରିପଦ ବେହେରା, ନିର୍ମଳ ନାୟକ, ସମ୍ପାଦକ ଭାବରେ ପ୍ରଫୁଲ୍ଲ ନାୟକ, ଅନାଦି ବେହେରା, ମାନସ ଦାସ, ଶଶଧର ଶିଅଳ, ଭାସ୍କର ବେହେରା, ରମାକାନ୍ତ ମଲ୍ଲିକ, କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ପ୍ରଦୀପ କୁମାର ଦାସ, ଅନାଦି ବେହେରା, ନିରଞ୍ଜନ ମଲିକ, କିରଣ କୁମାର ପଣ୍ଡା, ଗୋପୀନାଥ ବାରିକଙ୍କ ସମେତ ଚାଳିଶ ଜଣ, ମହିଳା ମୁଖ୍ୟ ଭାବେ ଆରତୀ ଶତପଥୀ, ରଞ୍ଜିତା ନାୟକ, ସାବିତ୍ରୀ ବେହେରା ଓ ମିଡ଼ିଆ ମୁଖ୍ୟ ଭାବରେ ରତିକାନ୍ତ ପାତ୍ର ସୋସିଆଲ ମିଡିଆରେ କମଳାକାନ୍ତ ଦାଶ, କିରଣ ମାଳିକ ପ୍ରମୁଖ ମନୋନୀତ ହୋଇଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତ ଗସ୍ତ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଗଲା।

# ମଡର୍ଣ୍ଣ ପବ୍ଲିକ ସ୍କୁଲରେ ଆଲୁମନି ମିଟ୍

**ବାଲେଶ୍ୱର, ୨୫।୧୨(ସମିସ):** ସ୍ଥାନୀୟ ମଡର୍ଣ୍ଣ ପବ୍ଲିକ ସ୍କୁଲର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞାପରିମିତା ପୃଷ୍ଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛୋଟଛୋଟ ପିଲାମାନଙ୍କୁ ନେଇ ସ୍ୱାଗତ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସାଧାରଣ ସମ୍ପାଦକ ସୁଶୀଲ ରାଠୀ ଯୋଗଦେଇ ନିଜର ମତ ରଖିଥିଲେ। ଆଲମନିର ଚେୟାରମ୍ୟାନ ସ୍ମୃତି ଖଣ୍ଡେଲୱାଲ, ସଭାପତି ଭିକି ସିଦ୍ଧାର୍ଥ ମିଶ୍ର, ସମ୍ପାଦକ ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ନାଟକ 'ଅଭୂଲା ଅତୀତ' ମଞ୍ଚସ୍ଥ ହୋଇଥିଲା। ପରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ବ୍ରଜନାଥ ରଥ ସାରସ୍ୱତ ସମ୍ମାନ-୨୦୨୪' ଘୋଷିତ

- ସମ୍ମାନିତ ହେବେ ରମାକାନ୍ତ ବେହେରା, ଅସିତ ମହାନ୍ତି, ନିତ୍ୟାନନ୍ଦ ସାହୁ







**ବାଲେଶ୍ୱର, ୨୫।୧୨(ସମିସ):** ଦିବଙ୍ଗତ ପ୍ରଥିତଯଶା କବି ଡ଼ଃ ବ୍ରଜନାଥ ରଥଙ୍କ ସ୍ମୃତିରେ ୨୦୧୬ ମସିହାରୁ ସ୍ଥାପିତ କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ପ୍ରତିବର୍ଷ ଓଡ଼ିଶାର ତିନିଜଣ ସାହିତ୍ୟ, ସଂସ୍କୃତି, କଳା ଆଦି କ୍ଷେତ୍ରରେ ନିରନ୍ତର ସାଧନା କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ପ୍ରଦାନ କରାଯାଉଛି। ଏହି କ୍ରମରେ କବି ବ୍ରଜନାଥ ରଥଙ୍କ ଦ୍ୱାରା ସ୍ଥାପିତ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ସଭାଗାରରେ ବିଶିଷ୍ଟ ଗବେଷକ ବିଜୟ ଉପାଧ୍ୟାୟଙ୍କ ସଭାପତିତ୍ୱରେ ବହୁ କବି ଓ ଲେଖକ ଉପସ୍ଥିତ ହୋଇ ୨୦୨୪ ମସିହାର ଏହି ସମ୍ମାନ ପାଇଁ କିଛି ନାମକୁ ଫାଉଣ୍ଡେସନ ଟ୍ରଷ୍ଟକୁ ପ୍ରସ୍ତାବିତ କରାଯାଇଥିଲା। ଏହି ସବୁ ନାଁକୁ ବିଚାରକୁ ନେଇ ୨୦୨୪ ମସିହା ପାଇଁ ଟ୍ରଷ୍ଟ ତିନିଜଣ ସାରସ୍ୱତ ସାଧକଙ୍କୁ ସମ୍ମାନ ପ୍ରଦାନ କରିବାର ଘୋଷଣା କରିଛି। ବର୍ଷିୟାନ ସାରସ୍ୱତ ସାଧକ ଡ଼ଃ ରମାକାନ୍ତ ବେହେରାଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ, ବିଶିଷ୍ଟ ଲେଖକ ଓ ଗବେଷକ ଅସିତ ମହାନ୍ତିଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ତଥା ବିଶିଷ୍ଟ ଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

**ବାଲେଶ୍ୱର, ୨୫।୧୨(ସମିସ):** ବଟେଶ୍ୱରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ନାମିତ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଲାବଣ୍ୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସୁପ୍ରବଚକ, ଜଗନ୍ନାଥ ସଂସ୍କୃତିର ଗବେଷକ ଓ 'ପ୍ରତିଶ୍ରୁତି' ପତ୍ରିକାର ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା ଯୋଗଦେଇଥିଲେ। ଡ. ନିରଞ୍ଜନ ଦାଶ ଅତିଥି ସ୍ୱାଗତ କରିଥିବା ବେଳେ ଅଧ୍ୟାପକ କମଳାକାନ୍ତ ଦାଶ ମହାରାଜାଙ୍କ କୃତିତ୍ୱର ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଶରତ ଚନ୍ଦ୍ର ମିଶ୍ର, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଡ. ସନ୍ଧ୍ୟାରାଣୀ ବେରା ଓ ଜିତେନ୍ଦ୍ର ପଲାଇ ଅଂଶଗ୍ରହଣ କରିଥିଲେ।

# ତୁଳସୀ ପୂଜନ ଉତ୍ସବ

**ବାଲେଶ୍ୱର, ୨୫।୧୨(ସମିସ):** ରେମୁଣା ସ୍ୱାଭିମାନ ମଞ୍ଚ ତରଫରୁ ତୁଳସୀ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଡ. ଶ୍ରୀମାଧବ ସେଠୀ, ରାକେଶ ବାରିକ, ହେମନ୍ତ ଦାସ, ରମେଶ ଜେନା, ରମାକାନ୍ତ ଗୁଡ଼, କାର୍ତ୍ତିକ ଜେନା, ଦିଲୀପ ଦାସ, ବିଶ୍ୱଜିତ ସିଂ, ପଦ୍ମଲୋଚନ ପଣ୍ଡା, କାର୍ତ୍ତିକ ଦାସ, ଗୌରାଙ୍ଗ ସେଠୀ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ତୁଳସୀ ପୂଜନ ଉତ୍ସବ ପାଳନ କରିବା ସହ ଏହି ଦିବସର ମାହାତ୍ମ୍ୟ ଓ ସନାତନ ଧର୍ମ ସଂସ୍କୃତି ଉପରେ ବିଚାର ବ୍ୟକ୍ତ କରିଥଲେ।

# ଜିଲ୍ଲା ବିଜେପିର ସୁଶାସନ ଦିବସ

**ବାଲେଶ୍ୱର, ୨୫।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ଅବସରରେ ଜିଲ୍ଲା ବିଜେପି ପକ୍ଷରୁ ସୁଶାସନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ପରିଡ଼ା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଲମ୍ବୋଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ



ବାଲେଶ୍ୱର, ୨୫ ।୧୨(ସମିସ): ସୁଶାସନର ପ୍ରଣେତା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଆଜି ଜେଲ ରୋଡ ସ୍ଥିତ ବିଜେପି କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଦର ନେତା ମାନସ କୁମାର ଦତ୍ତ, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ବୈଲୋଚନ ଦାଶ, ଆଶିଷ ବାନାର୍ଜୀ, ଲକ୍ଷ୍ମୀଧର ବେହେରା, ଚନ୍ଦ୍ରଭାନୁ ଦାସ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର ଅନୁଷ୍ଠିତ



**ବାଲେଶ୍ୱର, ୨୫।୧୨(ସମିସ):** ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଅଙ୍ଗାରଗଡ଼ିଆ ସ୍ଥିତ ଜିଲ୍ଲା ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ ଅବସରରେ ପୀଠରେ ୨୯ତମ ବାର୍ଷିକ ଯଜ୍ଞ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମନ୍ଦିର ପରିସରରେ ଶନିବାର ଦିନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସମାଜସେବୀ ସୁବାସିନୀ ଜେନା ଉଦଘାଟନ କରିଥିଲେ। ମୋଟ ୬୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ପୀଠର ମୁଖ୍ୟ ଟ୍ରଷ୍ଟି ସୁକାନ୍ତି ରଥ, ବାସୁକୀ ଦୁଲାଲ ଦାସ, ନାରାୟଣ ଚନ୍ଦ୍ର ପାତ୍ର, ଯୁବ ସଂଗଠକ ଜ୍ୟୋତିର୍ମୟ ଦାସ, ପରୀକ୍ଷିତ ଦାସ, ସୁଖେନ୍ଦୁ ମହାନ୍ତି, ପ୍ରମୁଖ ସହଯୋଗ କରିଥିଲେ। ତେବେ ଏହି ଉପଲକ୍ଷେ ଚବିଶ କୁଣ୍ଡିୟ ମହାଯଜ୍ଞ, କଳସ ଯାତ୍ରା ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଗାମୀ କାଲି ଯଜ୍ଞ ସଂସ୍କାର ଓ ୨୫ ତାରିଖରେ ପୂର୍ଣ୍ଣାହୂତି ସମ୍ପନ୍ନ ହେବ ଜଣାଯାଇଛି।

# ୧୨ତମ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ

**ବାଲେଶ୍ୱର, ୨୫।୧୨(ସମିସ):**

'ଜ୍ଞାନଶ୍ରୀ' ଆନୁକୂଲ୍ୟରେ ଦ୍ୱାଦଶ ଥର ପାଇଁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ- ୨୦୨୩ ଗାନ୍ଧି ସ୍ମୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବକୁ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରି ସାମାଜିକ ଅନୁଷ୍ଠାନ ଜ୍ଞାନଶ୍ରୀ ଦ୍ୱାରା ସମାଜସେବା ସାଙ୍ଗକୁ ଦୀର୍ଘ ବାର ବର୍ଷ ଧରି ରାଜ୍ୟର ପ୍ରତିଭଧାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବାର ପରମ୍ପରା ବାସ୍ତବରେ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ ଉତ୍ସବ କମିଟିର ସଭାପତି ସୁବାସିନୀ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ଦାସ ସ୍ୱାଗତ ଭାଷଣରେ ସାରା ରାଜ୍ୟରୁ ପ୍ରତିଭା ଅନ୍ୱେଷଣ କରି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରିବା ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ। ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ କମିଟିର



ସମ୍ପାଦକ ପ୍ରଶାନ୍ତ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଦୈତାରୀ ନାଏକ, ବରେଣ୍ୟ ଅତିଥିଙ୍କ ମଧ୍ୟରେ ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି, ଯୁବନେତା ଦୀପକ କୁମାର ମଲିକ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଦୈତାରୀ ନାଏକ, କେଉଁଝରକୁ ଜ୍ଞାନଶ୍ରୀ ମହାସମ୍ମାନ, କୃଷି ବୈଜ୍ଞାନିକ ତଥା ସମାଜସେବୀ ଡ. ଅଦୈତ୍ୟ ପାତ୍ର, ବାଲେଶ୍ୱର ଏବଂ ସମାଜସେବୀ ବୀରଜା ଦେବୀ, ମୟୂରଭଞ୍ଜକୁ ଜ୍ଞାନଶ୍ରୀ ମାଟି ଗୌରବ ସମ୍ମାନ, କଣ୍ଠଶିଳ୍ପୀ ଅବିନାଶ ଦାଶ, ସାଲେପୁରକୁ ଜ୍ଞାନଶ୍ରୀ ଯୁବଜ୍ୟୋତି ସମ୍ମାନ ଏବଂ ବାଲେଶ୍ୱର ମାଟିର ଶିଶୁ କ୍ରୀଡାବିତ ଶୁଭଲକ୍ଷ୍ମୀ ସିଂକୁ ଜ୍ଞାନଶ୍ରୀ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। କବି ମଧୁସୂଦନ ମିଶ୍ର ମାନପତ୍ର ପାଠ କରିଥିଲେ। ଉପଦେଷ୍ଟା ଜଳଧର ପଣ୍ଡା ବେଦପାଠ କରିଥିବାବେଳେ ଉପସଭାପତି ବିକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପିଲାଙ୍କ ମଧ୍ୟରେ ଆୟୋଜିତ ଜ୍ଞାନଶ୍ରୀ କଳା ସମ୍ଭାବନାକୁ ରେମୁଣା ବ୍ଲକର ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ କବି ଅଭୟ ଦାସ, ଉପଦେଷ୍ଟା ଶଶିରଞ୍ଜନ ମଲିକ, ସାହିରୁଲ ହକ, ଭାସ୍କର ଚନ୍ଦ୍ର ପଣ୍ଡା, ଉପସଭାପତି ଜ୍ୟୋସ୍ନା ସେନାପତି, ସହସମ୍ପାଦକ ଅଶୋକ ପରିଡ଼ା ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ କଳା ସମ୍ଭାବନା ପ୍ରତିଯୋଗିତାରେ ସମଗ୍ର ଜିଲ୍ଲାରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ସହ ସମ୍ପାଦଳ ସନତ ପରିଡ଼ା ମଞ୍ଚ ଆବାହନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ ସହ ସମ୍ପାଦକ ଗୋପବନ୍ଧୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟକଙ୍କ ଅପେକ୍ଷାରେ କେଶରୀକୁଣ୍ଡ

ଚମ୍ପୁଆ,୨୫।୧୨(ସମିସ)





ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଥିଲେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ହୋଇନଥିବାରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ କେଶରୀ କୁଣ୍ଡ। ନଭେମ୍ବରଠାରୁ ଜାନୁଆରୀ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟଟନସ୍ଥଳି ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଏହି ୩ ମାସକୁ ପର୍ଯ୍ୟଟନ ମାସ ଭାବରେ ପରିଗଣିତ କରାଯାଉଥିବା ବେଳେ ଚମ୍ପୁଆ ସଦର ମହକୁମା ଠାରୁ ମାତ୍ର ୧୦ କିମି ଦୂର କେଶରୀକୁଣ୍ଡ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନଥିବା ଦେଖିବାକୁ ମିଳିଛି। ବିଭିନ୍ନ ପ୍ରକାର ମୌଳିକ ସୁବିଧାର ଅଭାବ ଏହି ପର୍ଯ୍ୟଟନସ୍ଥଳିକୁ ପର୍ଯ୍ୟଟକଙ୍କ ଆଗମନର ପ୍ରମୁଖ ବାଧା ସୃଷ୍ଟି କରୁଛି। ସବୁଜ ବନାନୀ ଭରା ପ୍ରାକୃତିକ ପରିବେଶ ସହିତ ପୂର୍ଣ୍ଣତୟା ଚିରସ୍ରୋତା ବୈତରଣୀ ନଦୀର କୁଳୁକୁଳୁ ନାଦ ଓ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା କେଶରୀକୁଣ୍ଡକୁ ମନୋରମ କରି ଗଢ଼ି ତୋଳୁଥିବା ବେଳେ ନଦୀ ଗର୍ଭରେ ଥିବା ବିରାଟ ବିରାଟ ପଥର ଚଟାଣ ଏହି ପର୍ଯ୍ୟଟନସ୍ଥଳିକୁ ଆହୁରି ଆକୃଷ୍ଟ କରି ତୋଳିଧରିଛି। ବଣ ଭୋଜି ପାଇଁ ଏହା ଏକ ଉତ୍ତମ ସ୍ଥାନ ହୋଇଥିଲେ ହେଁ ଚଳିତ ମାସ ବର୍ତ୍ତମାନ ସୁଧା କାଁ ଭାଁ କିଛି ସ୍ଥାନୀୟ ବଣଭୋଜି ଦଳକୁ ଛାଡ଼ି ଦେଲେ ସେମିତି ଆଖି ଦୃଶିଆ ଭୋଜି ଦଳଙ୍କର ଆଗମନ ହୋଇପାରିନାହିଁ। ୨୦୦୮ ମସିହାରେ କେଶରୀ କୁଣ୍ଡକୁ ପର୍ଯ୍ୟଟନସ୍ଥଳିର ମାନ୍ୟତା ମିଳିଥିଲା। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ଭାଗ କରୁଥିବା ଏହି ନଦୀର ଗୋଟାଏ ପଟେ କେଶରୀ ଗାଁ ଓ ଅନ୍ୟପାଖରେ ସରେଇ ଗାଁ। ଏହି ନଦୀକୁ ଓହ୍ଲାଇବା ପାଇଁ ପାହାଚ ବ୍ୟବସ୍ଥା କରାଯାଇଥିବା ବେଳେ କିଛି ଦିନ ତଳେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ବିକାଶ ଅଧୀନରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ସଂଯୋଗୀ ରାସ୍ତା ଓ ଯାନବାହାନ ରହଣୀ ସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମାତ୍ର ଆନୁଷଙ୍ଗିକ ଅବ୍ୟବସ୍ଥା ପର୍ଯ୍ୟଟକମାନଙ୍କର ସୁରକ୍ଷା, ରହଣି ସ୍ଥାନ ଆଦିର ଉନ୍ନତି କରାଗଲେ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ନଦୀ ଗର୍ଭରେ ଥିବା ପଥର ଚଟାଣରେ ତିନି ଗୋଟି କୁଣ୍ଡ ଏହାର ବିଶେଷତ୍ୱ ସହିତ ମହାତ୍ମ୍ୟ ବଢ଼ାଇଥାଏ। ପୌରାଣିକ କଥା ବସ୍ତୁକୁ ଆଧାର କରାଯାଉଥିବା ବେଳେ ବିଭିନ୍ନ ପୁଣ୍ୟ କାର୍ଯ୍ୟ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ। ବିଶେଷ ଭାବରେ ମକର ଦିନ ଏଠାରେ ଏକ ବିରାଟ ମେଳାର ଆୟୋଜନ ହେଉଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର ବୈତରଣୀ ନଦୀରେ ବୁଡ଼ ପକାନ୍ତି।

## ଗଛ କାଟୁଥିବା ବେଳେ ୨ ଗିରଫ

**ତେଲକୋଇ,୨୫।୧୨(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ଅଧୀନ ପଡ଼ାଙ୍ଗ ବିଟ୍ ବନ୍ଧନଝରି ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ମୂଲ୍ୟବାନ ଗଛ କାଟୁଥିବା ବେଳେ ଖବର ପାଇ ତେଲକୋଇ ବନ ବିଭାଗ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଡାଙ୍ଗ ଅରଖମୁଣ୍ଡା ଗାଁର ପିଠ ମାଝୀ (୫୦) ଓ ସମର ମାଝୀ (୩୮)। ସୂଚନା ଅନୁଯାୟୀ ଉକ୍ତ ସଂରକ୍ଷିତ ଜଙ୍ଗଲରୁ ପିଠ ଓ ସମର ୨୦ରୁ ଉର୍ଦ୍ଧ୍ୱରୁ ମୂଲ୍ୟବାନ ଶାଳ, କେନ୍ଦୁ, ମହୁଲ ଗଛ ଆଦି କାଟି ଦେଇଥିବା ଜଣାପଡିଛି। କୌଣସି ସୂତ୍ରରୁ ଖବର ପାଇ ତେଲକୋଇ ବନବିଭାଗ ଚଢ଼ଉ କରି ଦୁଇ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି।

## ସ୍କ୍ରାପ୍ ବୋଝେଇ ଗାଡ଼ି ଜବତ; ୨ ଗିରଫ




**ଯୋଡା,୨୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ଖଣି ଅଞ୍ଚଳରେ ସ୍କ୍ରାପ୍ ଚୋରା କାରବାର କମିବାର ନାଁ ନେଉନାହିଁ। କିଛି ଦିନ ପୂର୍ବରୁ ଯୋଡ଼ା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏକ ଗାଡ଼ି ଜବତ କରିଥିବା ସହ ଜଣକୁ ଗିରଫ କରିଥିଲା। ପୁଣି ଯୋଡା ପୁଲିସ ପକ୍ଷରୁ ଚୋରାଚାଲାଣ ହେଉଥିବା ଏକ ସ୍କ୍ରାପ୍ ଗାଡ଼ି ଜବତ କରିଛି। ସୂଚନାରୁ ପ୍ରକାଶ ଯେ ରବିବାର ବିଳମ୍ବିତ ରାତିରେ ଯୋଡ଼ା ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଯୋଡ଼ା ଡିଏଭି ସ୍କୁଲ ପାଖରୁ ଏକ ଗାଡିକୁ ଅଟକ ରଖିଥିଲା। ଚଢ଼ଉରେ ସ୍କ୍ରାପ୍ ବୋଝେଇ ଗାଡ଼ି ଯବତ କରିବା ସହ ସ୍କ୍ରାପ୍ ମାଲିକ ସମେତ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ପକ୍ଷରୁ ଜଣାପଡିଛି। ଗିରଫ ହୋଇଥିବା ବ୍ୟକ୍ତି ହେଲେ ସ୍କ୍ରାପ୍ ମାଲିକ ରାମେଶ୍ୱର ଜୟସ୍ୱାଲ, ଚାଳକ ବାବୁଲୁ ହେମ୍ବ୍ରମ, ସହଯୋଗୀ ଶୁକ୍ରା ନାଏକ। ଚାଳକ ଓ ସହଯୋଗୀଙ୍କ ଘର ନିକଟ ଝାରଖଣ୍ଡ ହୋଇଥିବା ବେଳେ ମାଲିକଙ୍କ ଘର ଯୋଡ଼ା ଅଞ୍ଚଳରେ। ଜବତ ହୋଇଥିବା ସ୍କ୍ରାପ୍‌ର ମୂଲ୍ୟ ୨ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ତେବେ ସୋମବାର କେଶ ନମ୍ବର ୩୫୫ରେ ମମାଲା ରୁଜୁ କରି ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ପୂର୍ବରୁ ସ୍କ୍ରାପ୍ ମାଲିକ ରାମେଶ୍ୱର ଜୟସ୍ୱାଲଙ୍କ ନାମରେ ୪୭୧/୩୪ ଆଇପିସି ଧାରା ଲାଗୁ ବଳବତ୍ତର ରହିଥିବା ନେଇ ଯୋଡ଼ା ଥାନାର ନୂତନ ଭାରପ୍ରାପ୍ତ ଅଧିକାରୀ ଅବିନାଶ ପରିଡ଼ା ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

## ପାଟେଶ୍ୱରରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ



**କେନ୍ଦୁଝର,୨୫।୧୨(ସମିସ):** ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟିସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ଓଡ଼ିଶା ନବୀନ ଓଡ଼ିଶା ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଂଶପାଳ ବ୍ଲକର ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ମୁଖ୍ୟବକ୍ତା ଭାବେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିମ୍ବାଧର ବେହେରା ଏବଂ ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ୨୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ବାରିକ, ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିପିନ ବିହାରୀ ମହାପାତ୍ର, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ କେନ୍ଦୁଝରର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅନିଲ କୁମାର ଦାସ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟାପିକା ଅନୁପମା ମହାପାତ୍ର, ଶୁଭଦର୍ଶିନୀ ମହାପାତ୍ର, ଗୀତାଞ୍ଜଳୀ ଗିରି, ସୁଜାତା ଗିରି, ଭାରତୀ ମହାନ୍ତ, ଶ୍ୱେତଲିନା ମହାନ୍ତି, ସ୍ୱାଗତିକା ରାଉତ, ଅଧ୍ୟାପକ ମନୋରଞ୍ଜନ ସାହୁ, ଶୁଭେନ୍ଦୁ କୁମାର ସାହୁ, ଆନନ୍ଦଚନ୍ଦ୍ର ନନ୍ଦ, ବିଭୂଦତ୍ତ ପାଣିଗ୍ରାହୀ, ଅମରେଶ ନାୟକ, ବିଶ୍ୱଜିତ ବାରିକ, ପ୍ରିୟବ୍ରତ ସାହୁ, ସଞ୍ଜୟ କୁମାର ସାହୁ, ରୁପେଶ କୁମାର ଜେନା, କର୍ମଚାରୀ ଧୃତରାଷ୍ଟ୍ର ସାହୁ, ମୋହନ କୁମାର ସାହୁ, ଖଗେଶ୍ୱର ମହାନ୍ତ, ଅକ୍ଷୟ କୁମାର ମହାରଣା, ପରମାନନ୍ଦ ରଣା, ତ୍ରିଲୋଚନ ମହାନ୍ତ, ଭାଗବତ ମହାନ୍ତ, ପ୍ରିତିରଞ୍ଜନ ରାଉତ, ଜ୍ୟୋତି ରଞ୍ଜନ ରାଉତ, ଭରତ ଚନ୍ଦ୍ର ମହାନ୍ତ, ବସନ୍ତ କୁମାର ସାହୁ, ଦୁଃଖବନ୍ଧୁ ମହାନ୍ତ, ନାରାୟଣ ଚନ୍ଦ୍ର ସାହୁ, ଅଞ୍ଜନା ମହାନ୍ତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ପ୍ରଶାନ୍ତ କୁମାର ଦାସ ଯୋଗ ଦେଇ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଲ୍ଲିଶ୍ରୀ ମେଳାରେ କାରବାର ୧.୫ କୋଟି ଟପିଲା

**କେନ୍ଦୁଝର,୨୫।୧୨(ସମିସ):** କେନ୍ଦୁଝର ଠାରେ ଚାଲିଥିବା ଜାତୀୟସ୍ତରର ପଲ୍ଲିଶ୍ରୀ ମେଳାର ସୋମବାର ୮ମ ତଥା ଶେଷ ଦିନରେ ଏସ୍‌ଏଚ୍‌ଜି ଗ୍ରୁପ ମହିଳାଙ୍କ ଦ୍ୱାରା ପ୍ରସ୍ତୁତି ବିଭିନ୍ନ ସାମଗ୍ରୀମାନଙ୍କର କିଣା ବିକା ଭଲ ହୋଇଥିବା ଓରମାସ ସୂତ୍ରରୁ ଜଣାପଡ଼ିଛି। ରବିବାର ପର୍ଯ୍ୟନ୍ତ କାରବାର ୧ କୋଟି ଛୁଇଁବା ଥିଲା।



ଏଥିରେ ମିଶନଶକ୍ତି ଜିଲ୍ଲା ସଂଯୋଜକ ଶିଶିର ଷଡ଼ଙ୍ଗୀ, ଅଗ୍ନିଶମ ବିଭାଗର ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ପାଇଁ ଏଭଳି ମେଳା ବଜାର ଯୋଗାଇଥାଏ ବୋଲି କହିଥିଲେ। ଏଥିସହିତ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ସଙ୍ଗଠନ ମାନଙ୍କର କଳାକାରମାନେ





ସୋମବାର ଶେଷଦିନରେ ଅଧିକ କାରବାର ହେବା ସହିତ ମେଳାରେ ଷ୍ଟଲ କରିଥିବା ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଭଲ ବ୍ୟବସାୟ କରିଛନ୍ତି। ପଲ୍ଲିଶ୍ରୀ ମେଳାର କାରବାର ୧.୫ କୋଟି ଛୁଇଁଥିବ ଜଣାପଡ଼ିଛି। ଏହି ଅବସରରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମର କଳାକାର ଅନୁଷ୍ଠାନମାନଙ୍କୁ ଓରମାସ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କର ପ୍ରତିଭା ବିକଶିତ କରାଇବାର ଏହା ଭଲ ମଞ୍ଚ ବୋଲି କହିଥିଲେ। ମାନପତ୍ର ପ୍ରଦାନ ଅବସରରେ ଓରମାସ ଉପନିର୍ଦ୍ଦେଶକ ସପନ ଗୋସ୍ୱାମୀ, ଗ୍ରାଉଣ୍ଡ କମିଟି ସଦସ୍ୟ ତଥା 'ସକାଳ'ର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ଶରତ ଚନ୍ଦ୍ର ଦାସ, ସଦସ୍ୟ ସମ୍ବାଦିକ ପ୍ରଣୟ ପାଣି ପ୍ରମୁଖ ଉପସ୍ଥିତ ଥିବା ବେଳେ ସାଂସ୍କୃତିକ କମିଟିର ସଦସ୍ୟ ତଥା ସାମ୍ବାଦିକ ଦେବାଶିଷ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଓଲଟିଲା କମଳା ବୋଝେଇ ଟ୍ରକ୍



**ତେଲକୋଇ,୨୫।୧୨(ସମିସ):** ତେଲକୋଇ ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ଜଗମୋହନପୁର ଛକ ଠାରେ ଏକ କମଳା ବୋଝେଇ ଟ୍ରକ ଓଲଟି ପଡ଼ିଛି। ଫଳରେ ଗାଡ଼ିରେ ଥିବା ୨ଜଣ ଡ୍ରାଇଭର ଗୁରୁତର ହୋଇଛନ୍ତି। ଗୁରୁତର ମାନେ ହେଲେ ନାସିର ଖାନ (୨୦) ଓ ମୋବାରିକ ଖାନ (୨୫)। କମଳା ବୋଝେଇ ହୋଇ ନାସିକରୁ କଲିକତା ଅଭିମୁଖେ ଯାଉଥିଲା। ଜଗମୋହନପୁର ଛକ ନିକଟରେ ଥିବା ହମ୍ପସ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଖବର ପାଇ ତେଲକୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁତର ୨ଜଣଙ୍କୁ ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି।

## ଦଧିବାମନ କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ

**ତୁରୁମୁଙ୍ଗା,୨୫।୧୨(ସମିସ):** ପାଟଣା ବ୍ଲକ ତୁରୁମୁଙ୍ଗା ଦଧିବାମନ ଡିଗ୍ରୀ କଲେଜରେ ନୂଆ ଓଡ଼ିଶା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ତ୍ରୈଲକ୍ୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦାମୋଦୋର ସାହୁ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଜିଲ୍ଲା ପରିଷଦ ସଭ୍ୟା ସୌଭାଗ୍ୟ ମଞ୍ଜରୀ ନାଏକ, କଲେଜ ପରିଚାଳନା ପରିଷଦ ସଭାପତି ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ଡ. ଉଜ୍ୱଳ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୁଲେଖା ନାଏକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ବେଳେ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପଦ୍ମଲୋଚନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୋଡ଼ା ମହିଳା ମହାବିଦ୍ୟାଳୟରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ



**ଯୋଡ଼ା,୨୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ଯୋଡା ମହିଳା ମହାବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଡ଼ା ପୌରପରିଷଦର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, କେନ୍ଦୁଝର ଜିଲ୍ଲା ବିଜେଡି ସଂପାଦକ ବାବୁଲାଲ ସାହୁ, ପୂର୍ବତନ ଯୋଡ଼ା ସହର ବିଜେଡି ସଭାପତି ଜିତେନ୍ଦ୍ର ଜୈସ୍ୱାଲ, ଯୋଡା ପୌରପାଳିକାର ବିଜୁ ଛାତ୍ର ଜନତା ଦଳ ସଭାପତି ଦୀପଙ୍କର ବିଶ୍ୱାସ ଓ ଗୁଜରାଟ ମୂଳ ନିବାସୀ ଚେତରକ୍ସ କନଷ୍ଟ୍ରକସନ୍‌ର ନିର୍ଦ୍ଦେଶକ ଭିପୁଲ ବାରୋଟ ଯୋଗ ଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଡ. ମୃଦୁଳା ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ଦେଇଥିଲେ ଅଧ୍ୟାପକ ପବିତ୍ର ମୋହନ କର। +୨ ନୂଆ-ଓ ଅଧିକାରୀ ଅଧ୍ୟାପକ କିଷାନ ଚନ୍ଦ୍ର ନାଏକ ଓ +୩ ନୂଆ-ଓ ଅଧିକାରୀ ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା ମଧୁମିତା ମହାନ୍ତି।

## ସମସ୍ୟା ଘେରରେ ବିସ୍ଥାପିତ

## ୧୨ ବର୍ଷ ପରେ ବି ହୋଇପାରିଲାନି କଲୋନୀକୁ ସଂଯୋଗୀ ରାସ୍ତା

**ଚମ୍ପୁଆ,୨୫।୧୨(ସମିସ):** ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ମହେଶ୍ୱରପୁର ଗ୍ରାମ ନିକଟକୁ ଲାଗି ରହିଥିବା ମହେଶ୍ୱରପୁର ନ୍ୟୁକଲୋନୀର ସମସ୍ୟା ବଢ଼ିବାରେ ଲାଗିଛି। ୨୦୧୧ ମସିହାରୁ କାନପୁର ବିସ୍ଥାପିତ ମାନେ ଏଠାରେ ବସବାସ କରିଆସୁଥିଲେ ମଧ୍ୟ କଲୋନୀକୁ ଯିବା ପାଇଁ ନିୟମିତ ରାସ୍ତା ନାହିଁ। ଏପରିକି ବର୍ଷା ଦିନରୁ ଆରମ୍ଭ କରି ସାଧାରଣ ଦିନଗୁଡ଼ିକର ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଏହି କଲୋନୀ ବାସୀ। ୪୫ ପରିବାରର ପ୍ରାୟ ୨୫୦ ପାଖାପାଖି ଜନ ସଂଖ୍ୟା ବିଶିଷ୍ଟ ଏହି ଗାଁକୁ ନିୟମିତ ରାସ୍ତା ନଥିବାରୁ ସଞ୍ଜ ହେଲେ ହାତୀ ତଥା ବନ୍ୟ ଜନ୍ତୁଙ୍କ ଭୟ ରହୁଥିବା କଲୋନୀ ବାସୀ ପ୍ରକାଶ କରିଛନ୍ତି। ଜାତୀୟ ରାଜପଥରୁ କଲୋନୀ ମଧ୍ୟକୁ ପ୍ରାୟ ଅଧ କିମି ରାସ୍ତା ନଥିବାରୁ ତଥା ଆଲୋକ ନଥିବାରୁ ଜଙ୍ଗଲ ଭିତର ଦେଇ ଅନ୍ଧାରିଆ ଯାତାୟତ କରୁଛନ୍ତି। କଲୋନୀକୁ ସଂଯୋଗୀ ରାସ୍ତା ପାଇଁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ତାହା ସମାଧାନ ହୋଇପାରିନଥିବା ଜଣାଯାଇଛି। ଏପରିକି ଏହି କଲୋନୀ ବାସୀଙ୍କ ପାଇଁ ୨ ଗୋଟି ନଳକୂପ ରହିଥିଲେ ମଧ୍ୟ ଜଳ ଅଭାବ ଜନିତ ସମସ୍ୟାରୁ ମୁକ୍ତି ପାଇଁ ଅନେକ ନିଜ ସ୍ଥାନରେ ବୋରିଂ ଖୋଳି ଜଳ ବ୍ୟବହାର କରୁଛନ୍ତି। ପାହାଡ ଓ ଜଙ୍ଗଲ ଘେରା ଏହି ଅଞ୍ଚଳଟି ଅନେକ ସମୟରେ ହାତୀ ଭୟ



ରହୁଥିବା ବେଳେ କଲୋନୀ ବାସୀଙ୍କୁ ସହରକୁ ଆସିବାକୁ ହେଲେ କଇଁତା ଗ୍ରାମ ଦେଇ ଆସିବାକୁ ପଡୁଛି। ବର୍ଷା ଦିନେ ଯାତାୟତ ଏକପ୍ରକାର ଠପ ହୋଇଯାଉଥିବା ବେଳେ କଲୋନୀ ବାସୀଙ୍କୁ ପାଇଁ ନାନା ସମସ୍ୟା ଉପୁଜାଉଛି। ବିସ୍ଥାପିତ ହୋଇଥିବା ବାସିନ୍ଦା ଅକ୍ଷୟ ନାଏକ, ଦୁଶାସନ ନାଏକ, ଶ୍ରୀପତି ନାଏକ ପ୍ରମୁଖଙ୍କ କହିବା ଅନୁଯାୟୀ ବିସ୍ଥାପିତ ହେବାପରେ ଏଠାରେ କଲୋନୀ ବସାଯାଇଥିଲା। କଲୋନୀ ମଧ୍ୟରେ ରାସ୍ତା ଘାଟ, ଆଲୋକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ ସଂଯୋଗୀ ରାସ୍ତା ଆଜିପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏନେଇ ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀଙ୍କୁ ଅବଗତ କରିବାରୁ କାନପୁର ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏ ସମସ୍ୟା ପ୍ରତି ଦୃଷ୍ଟି ଦେବା ସହିତ ସମାଧାନର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସୁଶାସନ ଦିବସ ପାଳିତ



**ତୁରୁମୁଙ୍ଗା,୨୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜୟନ୍ତୀ ଅବସରରେ ସୁଶାସନ ଦିବସ ଓ "କାବ୍ୟାଞ୍ଜଳି' କାର୍ଯ୍ୟକ୍ରମ ଅଖିଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସାହିତ୍ୟିକ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଅଟଳ ବିହାରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଆଇନଜୀବୀ ତଥା ଉତ୍କଳ ସମ୍ମିଳନୀ କେନ୍ଦୁଝର ଶାଖାର ସହସମ୍ପାଦକ ବିରଜା ମିଶ୍ର, ବରିଷ୍ଠ ସାମ୍ବାଦିକ ତଥା ଉତ୍ତର ଓଡିଶା ସାହିତ୍ୟ ସମ୍ମେଳନର ସଭାପତି ନୃସିଂହ ନାଥ ସିଂହ, ସମ୍ମାନିତ ବକ୍ତା ଭାବରେ ବରିଷ୍ଠ ଆଇନଜୀବୀ ତଥା ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ରାଧାକାନ୍ତ ମହାନ୍ତ, କମଳାକାନ୍ତ ଦାସ ଯୋଗଦେଇଥିଲେ। ସାମ୍ବାଦିକ ସନ୍ତୋଷ କୁମାର ପତି, ଅଞ୍ଜନ ରଣା, ବିଜୟ ମହାନ୍ତଙ୍କୁ ମୁଖ୍ୟଅତିଥି ଉପଢୌକନ ଦେଇ ସମ୍ମାନିତ କରିଥିଲେ। କବି ଭାବଗ୍ରାହୀ ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତଥିଲେ।

## ଜାଲି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଗୁଆଲି ଏଫ୍‌ସି ଏକାଦଶ ଚାମ୍ପିଅନ

ତୁରୁମୁଙ୍ଗା,୨୫।୧୨(ସମିସ)

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାଲି ଗ୍ରାମରେ ପ୍ରିୟମ୍ବଦା କ୍ଲବ ଆନୁକୂଲ୍ୟରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ନାୟକଙ୍କ ସ୍ମୃତିରେ ଆୟୋଜିତ ହୋଇଥିବା ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଫୁଟବଲ ଖେଳରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଗୁଆଲି ଏଫ୍‌ସି ବନାମ ଜଜ ଏଫ୍‌ସି ବର୍ଦ୍ଧନା ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ହୋଇଥିଲା। ଗୁଆଲି ଏଫ୍‌ସି ବର୍ଦ୍ଧନା ଦଳକୁ ୧-୦ ଗୋଲ ଦେଇ ବିଜୟୀ ହୋଇଥିଲା। ଫାଇନାଲ ଖେଳକୁ ରେଫରୀ ସୁଶ୍ରୀ ମିଲୁ ନାଏକ, ସସ୍ମିମୟୀ ସୋରେନ, ସନ୍ତୋଷ ମହାକୁଡ଼, ବିନୟ ମହାକୁଡ଼ ପରିଚାଳନା କରିଥିବା ବେଳେ ଯୁବ ଭାଷ୍ୟକାର ଅରୁଣ କୁମାର ମହାନ୍ତ, ବରୁଣ ବେହେରା ଧାରା ବିବରଣୀ ଦେଇଥିଲେ। ଏହି ଅବସରରେ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ, ଜଜାଙ୍ଗ ଓ କସକୋ ଟ୍ରାଇକର, ଚାଇଁବସା, ଝାରଖଣ୍ଡ ମଧ୍ୟରେ ହୋଇଥିଲା। ଚାଇଁବସା



ଦଳ ୧-୦ ଗୋଲ ଦେଇ ବିଜୟୀ ହୋଇଥିଲେ।

ପୁରସ୍କାର ବିତରଣ ସଭାରେ ଯୁବ ଭାଷ୍ୟକାର ଅରୁଣ ମହାନ୍ତ ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ଭାବେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ସମ୍ମାନିତ ଅତିଥି ଭାବରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ, ବିଜୁ ଜନତା ଦଳ ମହିଳା ସଭାନେତ୍ରୀ, ଜିଲ୍ଲାପରିଷଦ ସଦସ୍ୟା ରମଣୀ ନାୟକ, କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ଜାତୀୟ ଫୁଟବଲ କୋଚ, କ୍ରୀଡ଼ା ସଂଗଠକ ବୀରେନ୍ଦ୍ର ମହାନ୍ତ, ସରପଞ୍ଚ ତୁଳସୀ ବଲ୍ଲଭ ସିଂହ, ସମାଜସେବୀ ଯୋଗେନ୍ଦ୍ର ମହାନ୍ତ, ସମିତି ସଭ୍ୟ ଭୁବନେଶ୍ୱର ମହାନ୍ତ, ଅବସରପ୍ରାପ୍ତ ଶିକ୍ଷାବିତ ହରେକୃଷ୍ଣ ମହାନ୍ତ, କବି ଜଗବନ୍ଧୁ ମହାନ୍ତ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପ୍ରିୟମ୍ବଦା କ୍ଲବ ଜାଲିର କାର୍ଯ୍ୟକର୍ତ୍ତା ଯୁବରାଜ ସିଂହ, ଚିନ୍ତାମଣି ପାତ୍ର, ଭକ୍ତବନ୍ଧୁ ପାତ୍ର, ବିଭୁତି ଭୂଷଣ ସିଂହ, ପ୍ରିୟବ୍ରତ ସିଂହ, ପର୍ଶୁରାମ ସିଂହ, ସୁଜିତ ପାତ୍ର, ସ୍ୱୟଂପ୍ରଭା ନାୟକ, ବିଚିସ୍ମିତା ନାୟକ, ସନ୍ତୋଷ ନାଏକ ଏବଂ ଆବାହକ ଡ. ଯଯାତି ନାୟକ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

## ବିରୋଧୀଙ୍କୁ ଜବାବ ଦେଲେ ସମବାୟ ମନ୍ତ୍ରୀ

# ରାଜ୍ୟରେ ସୁରୁଖୁରୁରେ ଚାଲିଛି ଧାନ ସଂଗ୍ରହ ପ୍ରକ୍ରିୟା

- ସୀମାବର୍ତ୍ତୀ ଜିଲ୍ଲାମାନଙ୍କରେ ବିଭାଗ ପକ୍ଷରୁ ହୋଇଛି ସିଲ୍ ପଏଣ୍ଟ
- ଚେକିଂ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫ ।୧୨(ସମିସ):** ରାଜ୍ୟରେ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ବିରୋଧୀ ଆଣୁଥିବା ଅଭିଯୋଗ ଉପରେ ଆଜି ସମବାୟ ଓ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ରାଜ୍ୟବ୍ୟାପୀ ଧାନକ୍ରୟ ବର୍ତ୍ତମାନ ସୁରୁଖୁରୁରେ ଚାଲିଛି। ଧାନକିଣାରେ ଅସୁବିଧା ନେଇ କୌଣସି ସ୍ଥାନରୁ ସେମିତି କିଛି ଅଭିଯୋଗ ଆସିନାହିଁ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି। ବିଶେଷକରି ଛତିଶଗଡ଼କୁ ଲାଗିଥିବା ନୂଆପଡ଼ା, ପଶ୍ଚିମବଙ୍ଗକୁ ଲାଗି ଥିବା ବାଲେଶ୍ୱର ଏବଂ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାକୁ ଲାଗି ଥିବା ଗଜପତି, ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ଆଦି ସ୍ଥାନମାନଙ୍କରେ ସିଲ୍ ପଏଣ୍ଟ କରାଯାଇ କଡ଼ାକଡ଼ି ଭାବେ ଚେକିଂ କରିବାକୁ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବାହାରୁ ଆସୁଥିବା ଦଲାଲ ଏବଂ ରାଜ୍ୟର ଅସାଧୁ ବ୍ୟବସାୟୀଙ୍କ ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିଛି। ସେହିପରି ଯେଉଁ ଜିଲ୍ଲାମାନଙ୍କୁ ଯେଉଁ ତାରିଖ ପ୍ରଦାନ କରାଯାଇଛି, ତଦନୁଯାୟୀ ଧାନ ସଂଗ୍ରହ କରାଯାଉଛି। ଜିଲ୍ଲାସ୍ତରରେ ଗଠିତ ଜିଲ୍ଲାସ୍ତରୀୟ କମିଟି ଆଧାରରେ ଧାନକ୍ରୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ମଣ୍ଡି ସମସ୍ୟାକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି ବୋଲି ବିରୋଧୀ ବିଜେପି ଅଭିଯୋଗ ଆଣିଥିଲା। ମଣ୍ଡିରେ ଚାଲିଥିବା କଟ୍‌ନିଛଟ୍‌କୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲା।

# ସୁଧୁରୁନି ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ ତ୍ରୁଟି

**ଭୁବନେଶ୍ୱର,୨୫ ।୧୨(ସମିସ):** ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେ ଗୋଟିଏ ପରେ ଗୋଟିଏ ଅସୁବିଧା ଆଶାୟୀ ଛାତ୍ରଛାତ୍ରୀଙ୍କୁ ନିରାଶ କରୁଛି। କିଛି ଦିନ ତଳେ ପୋର୍ଟାଲରେ ଅନ୍‌ଲାଇନ୍ ଫର୍ମ ପୂରଣ ବେଳେ ବହୁ କଲେଜର ନାମ ଦେଖାଉନଥିଲା। ଏହାସହ '+୩' ଚୟନ କରିବାର ବିକଳ୍ପ ମଧ ଆସୁନଥିବା ନେଇ ଅଭିଯୋଗ ହୋଇଥିଲା। ଏ ସଂପର୍କରେ ବହୁ ଅଭିଯୋଗ ଆସିବା ପରେ ଉଚ୍ଚଶିକ୍ଷା ବିଭାଗ ତ୍ରୁଟି ସୁଧାରିଥିଲା। ଏବେ ଆବେଦନକାରୀମାନେ ଆଉ ଏକ ନୂଆ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଆକାଉଣ୍ଟ ସହ ସେମାନଙ୍କ ଆଧାର-କାର୍ଡ ଲିଙ୍କ୍ ହୋଇ ନଥିବା କହୁଛି, ଯଦିଓ ସେମାନଙ୍କ ଆକାଉଣ୍ଟରେ ଆଧାର ଲିଙ୍କ୍ ବହୁ ପୂର୍ବରୁ ହୋଇସାରିଛି। ଏହି ଅସୁବିଧା ଯୋଗୁଁ ବହୁ ଛାତ୍ରଛାତ୍ରୀ ଆବେଦନ ପ୍ରକ୍ରିୟା ସଂପୂର୍ଣ୍ଣ କରିପାରୁନାହାନ୍ତି। ଏହି ସ୍କଲାରସିପ୍ ପାଇଁ ଆବେଦନ ଅବଧି ଆସନ୍ତା ୩୧ ତାରିଖରେ ଶେଷ ହେଉଥିବାରୁ ଆବେଦନ କରିପାରି ନଥିବା ଛାତ୍ରଛାତ୍ରୀମାନେ ବର୍ତ୍ତମାନ ଚିନ୍ତାରେ ପଡ଼ିଛନ୍ତି। ବହୁ ଛାତ୍ରଛାତ୍ରୀ ଏ ସଂପର୍କରେ ସାମାଜିକ ଗଣମାଧମ 'ଏକ୍ସ'ରେ ଅଭିଯୋଗ କରିଛନ୍ତି।

**ଦେଖଉନି ଆକାଉଣ୍ଟ ସହ ଆଧାର ଲିଙ୍କ୍**

☞ ପୂର୍ବପୃଷ୍ଠାର ଅବଶିଷ୍ଟାଂଶ

| | | | | | | |
|---|---|---|---|---|---|---|
| ୮୯ | ୮୫୯/୯୫ | ୧୭୩୧ | ୦.୧୬୦ | ୦.୦୯୦ | ଜଳାଶୟ-୨ | ବୁଧିରାମ ପରିଡା, ନିଧିରାମ ପରିଡା, ହେମ ପରିଡା ପି: ଶ୍ରୀଧର ପରିଡା, ଶୁକ ପରିଡା ସ୍ୱା: ଶ୍ରୀଧର ପରିଡା, ସଜନୀ ପରିଡା, ଜାଡି ପରିଡା, ଚାରୁଆ ପରିଡା, ମିନ ପରିଡା ପି: ରସିକ ପରିଡା, ଗଜେନ୍ଦ୍ର ପରିଡା, ଭଜନ ପରିଡା, ସର ପରିଡା, ଲଳିତା ପରିଡା ପି: କୃଷ୍ଣ ପରିଡା, ଜାଗର ପରିଡା ପି: ସଇଦା ପରିଡା ଜା: କୈବର୍ତ୍ତ ବା: ବିନ୍ଧାଣ |
| ୯୦ | ୪୭୨ | ୩୧୦୫ | ୦.୧୨୦ | ୦.୧୨୦ | ଘରବାରି | ପିତବାସ ପଣ୍ଡା ପି:ହରେକୃଷ୍ଣ ପଣ୍ଡା ଜା: ବ୍ରାହ୍ମଣ ବା: ଭଣ୍ଡାରୀପୋଖରୀ ଜି- ଭଦ୍ରକ |
| ୯୧ | ୭୦୭ | ୩୧୦୬ | ୦.୧୫୦ | ୦.୦୯୦ | ଘରବାରି | ମାନସ ରଞ୍ଜନ ପଣ୍ଡା ପି: ବୃନ୍ଦାବନ ଚନ୍ଦ୍ର ପଣ୍ଡା, ମାନିପ୍ରଜ୍ଞାଶିଳା ମିଶ୍ର ସ୍ୱା: ସନ୍ତୋଷ କୁମାର ପଣ୍ଡା ଜା: ବ୍ରାହ୍ମଣ ବା: ମୃଗପଦା |
| ୯୨ | ୮୫୯/୨୨ | ୩୧୦୪ | ୦.୩୨୦ | ୦.୦୮୦ | ଶାରଦ ଜଳ ଦୋଫସଲ-୧ | ସେକ ଅବଦୁଲ ରହିମ, ସେକ ଅବଦୁଲ ସାଜିଦ୍, ସେକ୍ ସାବିର ହୋସେନ, ମହେମୁଦା ବିବି, ମସେଦା ବିବି, ସାଜେଦା ବିବି ପି: ଅବଦୁଲ ଗନି, ଅବିଦା ବିବି ସ୍ୱା: ଅବଦୁଲ ଗନି, ଅବଦୁଲ ମଜିଦ ପି: ସେକ ମହମଦ ୟୁସୁଫ୍ ଜା: ମୁସଲମାନ ବା: ନହରାପୁର |
| ୯୩ | ୮୫୯/୨୨ | ୩୦୯୯ | ୦.୦୩୦ | ୦.୦୧୦ | ଶାରଦ ଜଳ ଦୋଫସଲ-୧ | ସେକ ଅବଦୁଲ ରହିମ, ସେକ ଅବଦୁଲ ସାଜିଦ୍, ସେକ୍ ସାବିର ହୋସେନ, ମହେମୁଦା ବିବି, ମସେଦା ବିବି, ସାଜେଦା ବିବି ପି: ଅବଦୁଲ ଗନି, ଅବିଦା ବିବି ସ୍ୱା: ଅବଦୁଲ ଗନି, ଅବଦୁଲ ମଜିଦ ପି: ସେକ ମହମଦ ୟୁସୁଫ୍ ଜା: ମୁସଲମାନ ବା: ନହରାପୁର |
| ୯୪ | ୮୫୯/୧୫ | ୩୧୦୪/୩୧୮୬ | ୦.୧୬୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଜାକିରୁଦ୍ଦିନ ଖାଁ, ଜିଆଉଦ୍ଦିନ ଖାଁ, ଆଜାରୁଦ୍ଦିନ ଖାଁ ପି: ସଲାଉଦ୍ଦିନ ଖାଁ ଜା: ମୁସଲମାନ ବା: ନହରାପୁର |
| ୯୫ | ୨୮୩ | ୩୧୦୩ | ୦.୧୪୦ | ୦.୦୭୦ | ଘରବାରି | ଜାକିର ଉଦ୍ଦିନ ଖାଁ, ଜିଆ ଉଦ୍ଦିନ ଖାଁ, ଆଜାର ଉଦ୍ଦିନ ଖାଁ ପି: ସଲାଉଦ୍ଦିନ ଖାଁ ଜା: ମୁସଲମାନ ବା: ନହରାପୁର ଇଉନିଟ୍ ନଂ 3 ରାଉତପୁର |
| ୯୬ | ୬୯୬ | ୩୦୯୬ | ୦.୧୨୦ | ୦.୦୭୦ | ଘରବାରି | ଶଚି ପ୍ରଭାକର ସ୍ୱା:ଦାମୋଦର କର ଜା: ବ୍ରାହ୍ମଣ ବା: ପଣସା |
| ୯୭ | ୫୩୮ | ୩୦୯୫ | ୦.୦୪୦ | ୦.୦୪୦ | ଶାରଦ ଜଳ ଦୋଫସଲ-୧ | ବିଳାସିନୀ ନନ୍ଦ ସ୍ୱା:ସନ୍ତୋଷ ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୯୮ | ୫୩୮ | ୧୫୯୮ | ୦୩୨୦ | ୦.୨୦୦ | ଶାରଦ ଜଳ ଦୋଫସଲ-୧ | ବିଳାସିନୀ ନନ୍ଦ ସ୍ୱା:ସନ୍ତୋଷ ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୯୯ | ୪୮ | ୩୦୯୪ | ୦.୦୮୦ | ୦.୦୮୦ | ଶାରଦ ଜଳ ଦୋଫସଲ-୧ | ଅଜୟ କୁମାର ପାତ୍ର ପି:ପିତବାସ ପାତ୍ର ଜା: କାପୁଡିଆ ବା: ବେଲରାପୁର |
| ୧୦୦ | ୮୫୯/୩୭୮ | ୩୦୯୩ | ୦.୨୧୦ | ୦.୦୫୦ | ଶାରଦ ଅଣଜଳସେଚିତ-୧ | ସରୋଜ ପାତ୍ର ପି:ପିତବାସ ପାତ୍ର ଜା: କାପୁଡିଆ ବା: ବେଲାରପୁର |
| ୧୦୧ | ୮୫୯/୩୭୭ | ୩୦୯୨ | ୦.୦୫୦ | ୦.୦୨୦ | ଶାରଦ ଜଳ ଦୋଫସଲ-୧ | ସରୋଜ ପାତ୍ର ପି:ପିତବାସ ପାତ୍ର ଜା: କାପୁଡିଆ ବା: ବେଲାରପୁର |
| ୧୦୨ | ୬୭୨ | ୩୦୯୧ | ୦.୦୭୦ | ୦.୦୨୦ | ଶାରଦ ଜଳ ଦୋଫସଲ-୧ | ରାମଚନ୍ଦ୍ର ଜେନା ପି: ଶୁକଦେବ ଜେନା କିସ୍ମତ ଟ 0 ଆଠ ଅଣା, ରମେଶ ଚନ୍ଦ୍ର ଜେନା ପି: ପିତାମ୍ବର ଜେନା କିସ୍ମତ ଟ 0 ଆଠ ଅଣା ଜା: ଖଣ୍ଡାୟତ ବା: ବାଲିପୋଖରି |
| ୧୦୩ | ୪୭୫ | ୩୦୮୯ | ୦.୨୧୦ | ୦.୦୪୦ | ଘରବାରି | ପୂର୍ଣ୍ଣଚନ୍ଦ୍ର କର ପି: କୁଶଧ୍ୱଜ କର, କାନନ ପଣ୍ଡା ସ୍ୱା: ପୂର୍ଣ୍ଣଚନ୍ଦ୍ର କର ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୦୪ | ୮୧୬ | ୩୦୮୮ | ୦.୦୩୦ | ୦.୦୩୦ | ଶାରଦ ଜଳ ଦୋଫସଲ-୧ | ସୂର୍ଯ୍ୟନାରାୟଣ ଶତପଥି ପି:ନିରଞ୍ଜନ ଶତପଥି ଜା: ବ୍ରାହ୍ମଣ ବା: ମଧୁପୁର |
| ୧୦୫ | ୮୧୬ | ୩୦୮୮/୩୨୧୫ | ୦.୦୫୦ | ୦.୦୨୦ | ଘରବାରି | ସୂର୍ଯ୍ୟନାରାୟଣ ଶତପଥି ପି:ନିରଞ୍ଜନ ଶତପଥି ଜା: ବ୍ରାହ୍ମଣ ବା: ମଧୁପୁର |
| ୧୦୬ | ୯୬ | ୩୦୮୬ | ୦.୪୦୦ | ୦.୧୦୦ | ଘରବାରି | ଆଶାଦ୍ୱିପ ମହାନ୍ତି, ସଂଦିପ ମହାନ୍ତି ପି: ନିର୍ମଳ ଚନ୍ଦ୍ର ମହାନ୍ତି, ଅର୍ଣ୍ଣପୂର୍ଣ୍ଣା ମହାନ୍ତି ସ୍ୱା: ନିର୍ମଳ ଚନ୍ଦ୍ର ମହାନ୍ତି ଜା: କରଣ ବା: ଭିମକରପୁର ଯାଜପୁର ଟାଉନ |
| ୧୦୭ | ୪୪୫ | ୩୦୮୭ | ୦.୦୨୦ | ୦.୦୦୭ | ପତିତ | ପ୍ରଭାକର ସାମନ୍ତ ପି:କୃପାସିନ୍ଧୁ ସାମନ୍ତ ଜା: ବ୍ରାହ୍ମଣ ବା: ନହରାପୁର ଯାଜପୁର ଟାଉନ |
| ୧୦୮ | ୪୪୫ | ୩୦୭୪ | ୦.୪୫୦ | ୦.୧୩୦ | ଘରବାରି | ପ୍ରଭାକର ସାମନ୍ତ ପି:କୃପାସିନ୍ଧୁ ସାମନ୍ତ ଜା: ବ୍ରାହ୍ମଣ ବା: ନହରାପୁର ଯାଜପୁର ଟାଉନ |
| ୧୦୯ | ୩୧୪ | ୩୦୮୧/୩୨୨୧ | ୦.୦୪୦ | ୦.୦୩୦ | ଘରବାରି | ଦ୍ୱିତୀୟ ଦେବିଦତ୍ତ ନାୟକ, ଶକ୍ତି ସ୍ୱରୁପ ନାୟକ ପି: କୈଳାସ ବିହାରି ନାୟକ ଜା: ଖଣ୍ଡାୟତ ବା: ଦୁବକଣ ଥା - ମଙ୍ଗଳପୁର |
| ୧୧୦ | ୫୩୭ | ୩୦୮୦ | ୦.୧୪୦ | ୦.୦୪୦ | ଘରବାରି | ବିରଞ୍ଚି ନାରାୟଣ ସାହୁ, ସୂର୍ଯ୍ୟନାରାୟଣ ସାହୁ, ରାଜ ନାରାୟଣ ସାହୁ ପି: ଗୋଲେଖ ପ୍ରସାଦ ସାହୁ ଜା: ତେଲି ବା: ଫତେପୁର ଥାନା- ବିଂଝାରପୁର |
| ୧୧୧ | ୫୭୪ | ୩୦୭୯ | ୦.୧୦୦ | ୦.୦୧୦ | ଶାରଦ ଜଳ ଦୋଫସଲ-୧ | ସେକ ମଂଜୁର ଅଲି ପି: ସେକ ଗୋଲାପ, ସଏରା ବିବି ସ୍ୱା: ସେକ ମଂଜୁର ଅଲି, ମକରମ ବିବି ସ୍ୱା: ସେକ ଗୋଲାପ ଜା: ମୁସଲମାନ ବା: ନହରାପୁର ଯାଜପୁର ଟାଉନ |
| ୧୧୨ | ୫୭୪ | ୩୦୭୯/୩୩୦୩ | ୦.୦୮୦ | ୦.୦୮୦ | ଘରବାରି | ସେକ ମଂଜୁର ଅଲି ପି: ସେକ ଗୋଲାପ, ସଏରା ବିବି ସ୍ୱା: ସେକ ମଂଜୁର ଅଲି, ମକରମ ବିବି ସ୍ୱା: ସେକ ଗୋଲାପ ଜା: ମୁସଲମାନ ବା: ନହରାପୁର ଯାଜପୁର ଟାଉନ |
| ୧୧୩ | ୫୭୪ | ୩୦୭୬ | ୦.୦୧୦ | ୦.୦୦୬ | ଘରବାରି | ସେକ ମଂଜୁର ଅଲି ପି: ସେକ ଗୋଲାପ, ସଏରା ବିବି ସ୍ୱା: ସେକ ମଂଜୁର ଅଲି, ମକରମ ବିବି ସ୍ୱା: ସେକ ଗୋଲାପ ଜା: ମୁସଲମାନ ବା: ନହରାପୁର ଯାଜପୁର ଟାଉନ |
| ୧୧୪ | ୫୭୩ | ୩୦୭୫ | ୦.୦୩୦ | ୦.୦୦୬ | ଶାରଦ ଜଳ ଦୋଫସଲ-୧ | ସେକ ମଞ୍ଜୁର ଅଲ୍ଲି ପି:ସେକ ଗୋଲାପ ଜା: ମୁସଲମାନ ବା: ନିଜଗାଁ |
| ୧୧୫ | ୫୭୩ | ୩୦୭୫/୩୩୦୨ | ୦.୦୨୦ | ୦.୦୨୦ | ଘରବାରି | ସେକ ମଞ୍ଜୁର ଅଲ୍ଲି ପି:ସେକ ଗୋଲାପ ଜା: ମୁସଲମାନ ବା: ନିଜଗାଁ |
| ୧୧୬ | ୭୬୯ | ୨୬୮୬ | ୦.୭୪୦ | ୦.୨୩୦ | ଶାରଦ ଜଳ ଦୋଫସଲ-୧ | ଶିବଶଙ୍କର ଦତ୍ତ, ଦେବପ୍ରସାଦ ଦତ୍ତ ପି: ନାରାୟଣ ଦତ୍ତ ଜା: କାଏସ୍ଥ ବା: ବିବିସାଗର |
| ୧୧୭ | ୨୯୩ | ୨୬୮୫ | ୦.୧୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଜ୍ୟୋତିମୟୀ ରାଉତରାୟ ସ୍ୱା:ବିଭୁତି ଭୂଷଣ ରାଉତରାୟ ଜା: ଖଣ୍ଡାୟତ ବା: ଭଦ୍ରଆଖଣ୍ଡଳେଶ୍ୱର ନଗର ( ଯାଜପୁର ଟାଉନ ) |
| ୧୧୮ | ୬୬୦ | ୨୬୮୪ | ୦.୧୬୦ | ୦.୦୬୦ | ଘରବାରି | ରାଧାକୃଷ୍ଣ ଦାଶ ପି:ବଳରାମ ଦାଶ ଜା: ବ୍ରାହ୍ମଣ ବା: କୋଟ ବସନ୍ତପୁର ଯାଜପୁର ଟାଉନ |
| ୧୧୯ | ୭୨୬ | ୨୬୭୧ | ୦.୩୪୦ | ୦.୧୧୦ | ଘରବାରି | ସଂଗିତା ରାଣି ପାଣି ସ୍ୱା:ଆଲୋକ କୁମାର ପାଣି ଜା: ବ୍ରାହ୍ମଣ ବା: କୋଟ ବସନ୍ତପୁର ଯାଜପୁର |
| ୧୨୦ | ୮୫୯/୪ | ୨୬୭୦ | ୦.୧୭୦ | ୦.୧୦୦ | ଘରବାରି | ଶ୍ରୀଜଗନ୍ନାଥ କନଷ୍ଟ୍ରକ୍ସନ୍, ପ୍ଲଟ ନଂ - 6/396 ପୋ : ଆଇ. ଆର୍. ସି ଭିଲେଜ୍ ଥା : ନୟାପଲ୍ଲି, ଭୁବନେଶ୍ୱର, ଜି. ଖୋର୍ଦ୍ଧା, ଓଡିଶା ତରଫ ପରିଚାଳନା ଅଣିଂଦାର ଆଲୋକ ସାମଲ ପି:ଅଲେଖ ଚରଣ ସାମଲ |
| ୧୨୧ | ୮୫୯/୮ | ୨୬୬୯ | ୦.୦୯୦ | ୦.୦୩୦ | ଘରବାରି | ସାହେବ ସିଂ ପି:ମେନେଜର ସିଂ ଜା: ଖଣ୍ଡାୟତ ବା: ବାରବାଟି |
| ୧୨୨ | ୩୦୮ | ୨୬୫୮ | ୦.୦୪୦ | ୦.୦୧୦ | ଶାରଦ ଜଳ ଦୋଫସଲ-୧ | ଦାମୋଦର ସେନାପତି ପି:ବୁଦ୍ଧୁନ୍ଦୁ ସେନାପତି ଜା: ତେଲି ବା: ରାଉତରାପୁର ଯାଜପୁରଟାଉନ |
| ୧୨୩ | ୩୦୮ | ୨୬୫୭ | ୦.୧୭୦ | ୦.୧୩୦ | ଶାରଦ ଜଳ ଦୋଫସଲ-୧ | ଦାମୋଦର ସେନାପତି ପି:ବୁଦ୍ଧୁନ୍ଦୁ ସେନାପତି ଜା: ତେଲି ବା: ରାଉତରାପୁର ଯାଜପୁରଟାଉନ |
| ୧୨୪ | ୭୯୪ | ୨୬୫୩ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସୁରଥ କୁମାର ଧଳ ପି:ଜୟରାମ ଧଳ ଜା: ଖଣ୍ଡାୟତ ବା: ଅମ୍ବିକାଇ |
| ୧୨୫ | ୭୨୭ | ୨୬୫୪ | ୦.୧୦୦ | ୦.୦୨୩ | ଶାରଦ ଜଳ ଦୋଫସଲ-୧ | ସମସେର ଅଲ୍ଲି ଖାଁ ପି:ମକବୁଲ ଅଲ୍ଲି ଖାଁ ଜା: ମୁସଲମାନ ବା: ବରାହପୁର ଯାଜପୁର ଟାଉନ |
| ୧୨୬ | ୭୨୭ | ୨୬୫୨ | ୦.୨୨୦ | ୦.୦୦୪ | ଶାରଦ ଜଳ ଦୋଫସଲ-୧ | ସମସେର ଅଲ୍ଲି ଖାଁ ପି:ମକବୁଲ ଅଲ୍ଲି ଖାଁ ଜା: ମୁସଲମାନ ବା: ବରାହପୁର ଯାଜପୁର ଟାଉନ |
| ୧୨୭ | ୪୩୬ | ୨୬୧୯ | ୦.୫୦୦ | ୦.୧୨୦ | ଘରବାରି | ପ୍ରଦ୍ୟୁମ୍ନ କୁମାର ନନ୍ଦ ପି:ରାମଚନ୍ଦ୍ର ନନ୍ଦ ଜା: ବ୍ରାହ୍ମଣ ବା: ବିନ୍ଧାଣ |
| ୧୨୮ | ୭୩୫ | ୨୬୦୯ | ୦.୫୦୦ | ୦.୦୭୫ | ଘରବାରି | ଶଶିଭୂଷଣ ନନ୍ଦ ପି:ରାମଚନ୍ଦ୍ର ନନ୍ଦ ଜା: ବ୍ରାହ୍ମଣ ବା: ବିନ୍ଧାଣ |
| ୧୨୯ | ୮୩୯ | ୨୬୦୮ | ୦.୫୦୦ | ୦.୧୫୦ | ଘରବାରି | ହରେନ୍ଦ୍ର କୁମାର ନନ୍ଦ ପି:ରାମଚନ୍ଦ୍ର ନନ୍ଦ ଜା: ବ୍ରାହ୍ମଣ ବା: ବିନ୍ଧାପ |
| ୧୩୦ | ୮୪୦ | ୨୬୦୭ | ୦.୦୨୦ | ୦.୦୧୦ | ଘରବାରି | ହରେନ୍ଦ୍ର କୁମାର ନନ୍ଦ, ପ୍ରଦ୍ୟୁମ୍ନ କୁମାର ନନ୍ଦ, ଶଶୀ ଭୂଷଣ ନନ୍ଦ ପି: ରାମଚନ୍ଦ୍ର ନନ୍ଦ ଜା: ବ୍ରାହ୍ମଣ ବା: ବିନ୍ଧାଣ |
| ୧୩୧ | ୬୬୨ | ୨୬୦୬ | ୦.୦୯୦ | ୦.୦୨୦ | ଶାରଦ ଜଳ ଦୋଫସଲ-୧ | ରାମଚନ୍ଦ୍ର ସାହୁ, ବ୍ରଜ କିଶୋର ସାହୁ, ଝୁଲଣ ଚରଣ ସାହୁ, ପାର୍ବତୀ ସାହୁ ପି: କାଳନ୍ଦୀ ସାହୁ ଜା: ବଣିଆ ବା: ରାଉତରାପୁର ଯାଜପୁର ଟାଉନ |
| ୧୩୨ | ୮୫୯/୨୭୪ | ୨୫୩୧ | ୦.୧୭୦ | ୦.୦୧୦ | ଶାରଦ ଜଳ ଦୋଫସଲ-୧ | ଦିବାକର ସାମନ୍ତ, ପ୍ରଭାକର ସାମନ୍ତ ପି: କୃପାସିନ୍ଧୁ ସାମନ୍ତ, ବୀଣାପାଣି ସାମନ୍ତ ସ୍ୱା: ପ୍ରଫୁଲ୍ଲ କୁମାର ସାମନ୍ତ, କିଶନ ସାମନ୍ତ ପି: ପ୍ରଫୁଲ୍ଲ କୁମାର ସାମନ୍ତ ଜା: ବ୍ରାହ୍ମଣ ବା: ନହରାପୁର |
| ୧୩୩ | ୩୬୭ | ୨୫୩୦ | ୦.୦୬୦ | ୦.୦୩୦ | ଶାରଦ ଜଳ ଦୋଫସଲ-୧ | ନରହରି ନନ୍ଦ, ନିରାକାର ନନ୍ଦ, ପ୍ରଫୁଲ କୁମାର ନନ୍ଦ, ଶ୍ରୀନିବାସ ନନ୍ଦ, ରବିନ୍ଦ୍ର କୁମାର ନନ୍ଦ ପି: ଦୁର୍ଗା ଚରଣ ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୩୪ | ୪୯ | ୨୫୨୯ | ୦.୦୬୦ | ୦.୦୨୪ | ଘରବାରି | ଅଜୟ କୁମାର ନନ୍ଦ, ସଂଜୟ କୁମାର ନନ୍ଦ ପି: ନବକିଶୋର ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୩୫ | ୩୦୦ | ୨୫୨୮ | ୦.୦୫୦ | ୦.୦୨୫ | ଶାରଦ ଜଳ ଦୋଫସଲ-୧ | ତପନ କୁମାର ନନ୍ଦ ପି:ମହେଶ୍ୱର ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୩୬ | ୩୦୦ | ୭୨୧/୩୧୮୫ | ୦.୨୩୦ | ୦.୧୧୦ | ପାଳ | ତପନ କୁମାର ନନ୍ଦ ପି:ମହେଶ୍ୱର ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୩୭ | ୫୩୦ | ୨୫୨୭ | ୦.୦୮୦ | ୦.୦୩୦ | ଶାରଦ ଜଳ ଦୋଫସଲ-୧ | ବିଦ୍ୟୁତ ପ୍ରଭା ନନ୍ଦ ସ୍ୱା:ନାରାୟଣ ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୩୮ | ୪୯୯ | ୨୫୨୬ | ୦.୧୭୦ | ୦.୦୮୦ | ଶାରଦ ଜଳ ଦୋଫସଲ-୧ | ବାଇଧର ନନ୍ଦ, ବୈତାରି ନନ୍ଦ, ମହେଶ୍ୱର ନନ୍ଦ ପି: ଛକଡି ନନ୍ଦ, ସଦାନନ୍ଦ ମିଶ୍ର, ହୃଦାନନ୍ଦ ମିଶ୍ର, ହାରାମଣି ମିଶ୍ର, ବିଣାପାଣି ମିଶ୍ର ପି: ବନମାଳି ମିଶ୍ର, ଶୋଶିଳା ମିଶ୍ର ସ୍ୱା: ବନମାଳି ମିଶ୍ର, ସନାତନ ମିଶ୍ର, ଅକ୍ଷୟ ମିଶ୍ର ପି: ଲକ୍ଷ୍ମୀଧର ମିଶ୍ର ଜା: ବ୍ରାହ୍ମଣ ବା: ନିଜଗାଁ, ଲକ୍ଷ୍ମୀଧର ନନ୍ଦ, ଗଦାଧର ନନ୍ଦ ପି: ରାମଚନ୍ଦ୍ର ନନ୍ଦ ଜା: ବ୍ରାହ୍ମଣ ବା: ବିନ୍ଧାଣ |
| ୧୩୯ | ୫୭୯ | ୨୫୨୫ | ୦.୧୦୦ | ୦.୦୪୫ | ଶାରଦ ଜଳ ଦୋଫସଲ-୧ | ମଦନ ସାମନ୍ତ ପି: ଉପେନ୍ଦ୍ର ସାମନ୍ତ କିସ୍ମତ ଟ 0 ଆଠଅଣା, ସୁଦର୍ଶନ ସାମନ୍ତ, ପ୍ରଭାକର ସାମନ୍ତ, ଲକ୍ଷ୍ମୀଧର ସାମନ୍ତ, ଦିବାକର ସାମନ୍ତ, ସାବିତ୍ରୀ ସାମନ୍ତ ପି: ଗଜେନ୍ଦ୍ର ସାମନ୍ତ, ଶଶି ସାମନ୍ତ ସ୍ୱା: ଗଜେନ୍ଦ୍ର ସାମନ୍ତ କିସ୍ମତ ଟ 0 ଆଠଅଣା ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୪୦ | ୮୫୯/୧୭୮ | ୨୫୨୪ | ୦.୦୯୦ | ୦.୦୪୫ | ଶାରଦ ଜଳ ଦୋଫସଲ-୧ | ମାନସ କୁମାର ନନ୍ଦ, ତାପସ କୁମାର ନନ୍ଦ ପି: ମାଧବ ଚନ୍ଦ୍ର ନନ୍ଦ ଜା: ବ୍ରାହ୍ମଣ ବା: ୟୁନିଟ ନଂ. ୯ ଇନ୍ଦ୍ରଆଖଣ୍ଡଳେଶ୍ୱରନଗର |
| ୧୪୧ | ୩୩୦ | ୨୫୦୬ | ୦.୨୧୦ | ୦.୦୯୦ | ଶାରଦ ଜଳ ଦୋଫସଲ-୧ | ଦୁର୍ଗାଚରଣ ପଣ୍ଡା ପି:ଧନେଶ୍ୱର ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୪୨ | ୫୬ | ୨୫୦୫ | ୦.୦୮୦ | ୦.୦୩୦ | ଶାରଦ ଜଳ ଦୋଫସଲ-୧ | ଅଜୁ ନନ୍ଦ, କୁନା ନନ୍ଦ, ବୁନା ନନ୍ଦ, ରୁନା ନନ୍ଦ, ଟଗଲି ନନ୍ଦ, ମିଟିଲି ନନ୍ଦ ପି: କରୁଣାକର ନନ୍ଦ, ଶଶଧର ନନ୍ଦ, ମାଧବ ନନ୍ଦ, ରାଧାଶ୍ୟାମ ନନ୍ଦ, ସୁଧାକର ନନ୍ଦ, ହେମଲତା ନନ୍ଦ ପି: ଟଉଲି ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୪୩ | ୫୬ | ୨୫୦୪ | ୦.୦୨୦ | ୦.୦୧୦ | ଶାରଦ ଜଳ ଦୋଫସଲ-୧ | ଅଜୁ ନନ୍ଦ, କୁନା ନନ୍ଦ, ବୁନା ନନ୍ଦ, ରୁନା ନନ୍ଦ, ଟଗଲି ନନ୍ଦ, ମିଟିଲି ନନ୍ଦ ପି: କରୁଣାକର ନନ୍ଦ, ଶଶଧର ନନ୍ଦ, ମାଧବ ନନ୍ଦ, ରାଧାଶ୍ୟାମ ନନ୍ଦ, ସୁଧାକର ନନ୍ଦ, ହେମଲତା ନନ୍ଦ ପି: ଟଉଲି ନନ୍ଦ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୪୪ | ୨୨୧ | ୨୫୦୩ | ୦.୧୦୦ | ୦.୦୪୦ | ଶାରଦ ଜଳ ଦୋଫସଲ-୧ | ଗୋକୁଳ ନନ୍ଦ ପି:ଲକ୍ଷ୍ମୀଧର ନନ୍ଦ ଜା: ବ୍ରାହ୍ମଣ ବା: ଆକୁଲା |
| ୧୪୫ | ୩୧୬ | ୨୫୦୨ | ୦.୧୭୦ | ୦.୦୩୦ | ଶାରଦ ଜଳ ଦୋଫସଲ-୧ | ଦିନବଂଧୁ ପରିକ୍ଷା, ମହେନ୍ଦ୍ର ପରିକ୍ଷା, ଗୟାଧର ପରିକ୍ଷା, ଲକ୍ଷ୍ମୀଧର ପରିକ୍ଷା, କାର୍ତ୍ତିକ ପରିକ୍ଷା ପି: ଦ୍ୱିଜ ପରିକ୍ଷା ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୪୬ | ୫୯୮ | ୨୫୦୧ | ୦.୧୧୦ | ୦.୦୦୫ | ଶାରଦ ଜଳ ଦୋଫସଲ-୧ | ମହେନ୍ଦ୍ର ପରିକ୍ଷା, ଗୟାଧର ପରିକ୍ଷା, ଲକ୍ଷ୍ମୀଧର ପରିକ୍ଷା, କାର୍ତ୍ତିକ ପରିକ୍ଷା ପି: ଦ୍ୱିଜ ପରିକ୍ଷା ଜା: ବ୍ରାହ୍ମଣ ବା: ନିଜଗାଁ |
| | | ମୋଟ | | ୭.୪୩୦ | | |

ସ୍ୱା/-
ଭୂ-ଅର୍ଜନ ଅଧିକାରୀ (ସିଭିଲ),
ଯାଜପୁର

OIPR-24163/14/0034/2324

## କାଳିଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ‘ସଂସ୍କାର, ଶୃଙ୍ଖଳା ଛାତ୍ରଛାତ୍ରୀଙ୍କ ଭୂଷଣ ହେବା ଉଚିତ’

**ବାଲିଆପାଳ, ୨୫।୧୨(ସମିସ):**



ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମରେ ଅବସ୍ଥିତ କାଳିଚରଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ପାଳନ ହେଉଥିବା ହୀରକ ଜୟନ୍ତୀ ଉତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାନାଥ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବେ ସ୍ତମ୍ଭକାର କୁଳମଣି ବାରିକ, ଓଷ୍ଟାର ବାଲେଶ୍ୱରର ସାଧାରଣ ସମ୍ପାଦକ ବିଜୟ ପାତ୍ର, ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ, ଏ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ(ଦୁର୍ନୀତି ନିବାରଣ) ହରେକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଂସ୍କାର, ଶୃଙ୍ଖଳା ଓ ସଂକଳ୍ପ ଛାତ୍ରଛାତ୍ରୀମାନଙ୍କର ବ୍ରତ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକମାନେ ବଡମଣିଷ ତିଆରି କରିବା ଅପେକ୍ଷା ଭଲମଣିଷ ତିଆରି କରିବାକୁ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଆଜିର ଉଦଯାପନୀ ଉତ୍ସବରେ ଏହି ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ସ୍ୱର୍ଗତଃ ପଦ୍ମଲୋଚନ ଦେ, ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ବୈକୁଣ୍ଠନାଥ ସାହୁ, ଦୈତାରୀ ଚରଣ ଦାସ, କର୍ମଚାରୀ ମୁକୁନ୍ଦ ଚନ୍ଦ୍ର ବେହେରା, ଚୈତନ୍ୟ ସାହୁ, ତତ୍କାଳୀନ ସମ୍ପାଦକ ମୁଧୁସୂଦନ ବେହେରା ପ୍ରମୁଖଙ୍କୁ ପରିବାର ଜନଙ୍କ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ତତ୍ ପରେ ହୀରକ ଜୟନ୍ତୀ କମିଟି ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ତଥା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଓ ସ୍କାଉଟ୍ ଗାଇଡ୍ ଓ ଏନସିସିରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ତଥା ବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ହୀରକ ଜୟନ୍ତୀ ସ୍ମୃତି ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ ସେଠୀ, ବିଦ୍ୟାଧର ପାତ୍ର, ମଧୁସୂଦନ ଜେନା, ବଂଶୀଧର ବେହେରା ତଥା ଅବସରପ୍ରାପ୍ତ ଶିକ୍ଷକ ଶଙ୍କର ଚରଣ ସାହୁ, ଧିରେନ୍ଦ୍ର ନାଥ ଦେ, ଆଲୁମିନି ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ପୁରାତନ ଛାତ୍ର ସାମ୍ବାଦିକ ଗୋପନାରାୟଣ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ



**ଖଇରା, ୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବଡନୂଆଗାଁ ପଞ୍ଚାୟତ ନୂଆ ପଞ୍ଚାୟତ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି। ୭ ବର୍ଷର ସଂଘର୍ଷ ପରେ ବଡନୂଆଗାଁ ବାସୀଙ୍କୁ ସେମାନଙ୍କର ପରିଶ୍ରମର ଫଳ ମିଳିଛି। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବର୍ଷିଆନ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବତନ ସମିତି ସଭ୍ୟ ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ସୁଶାନ୍ତ ମିଶ୍ର, ପ୍ରାକ୍ତନ ସମିତିସଭ୍ୟା ନମିତା ଦାସ, ବର୍ତ୍ତନା ସେବା ସମବାୟ ସମିତିର ସଭାପତି ନିରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ କିଶୁ ଚରଣ ଗାହାଣ, ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ନନ୍ଦ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ।

# ମହାବିଦ୍ୟାଳୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା



**ବାଲିଆପାଳ, ୨୫।୧୨(ସମିସ):** ବାଲିଆପାଳ ବ୍ଲକ ଦେଭୋଗ ସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ପରିସରରେ ନୂଆ ଓଡ଼ିଶା ଆନୁକୂଲ୍ୟରେ ବ୍ଲକସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତ ଉଦଘାଟନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନ, ବଡାପାଳ ହାଇସ୍କୁଲର ପ୍ରଧାନଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟ ଯୋଗଦେଇଥିଲେ। ଅଧ୍ୟାପକ କାମିନୀକାନ୍ତ ମହାନ୍ତି ମଞ୍ଚ ଆହ୍ୱାନ କରିଥିବା ବେଳେ ନୋଡାଲ ଅଫିସର ଅଧ୍ୟାପକ ରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କେସି ପିପିଲି ଜଗାଇ ମହାବିଦ୍ୟାଳୟ, ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କମଳା କୁମାରୀ ସଂସ୍କୃତ ମହାବିଦ୍ୟାଳୟ, ନଗେନ୍ଦ୍ରନାଥ ସଂସ୍କୃତ ମହାବିଦ୍ୟାଳୟ, ଯୁଧିଷ୍ଠିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ଓଡିଶୀ ନୃତ୍ୟ, ପାରମ୍ପରିକ ନୃତ୍ୟ, ଆବୃତି ଓ ଏକକ କମେଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଗଣେଶ ଚନ୍ଦ୍ର ସି ଧନ୍ୟବାଦ ଦେଇଥିଲେ।

## ମାତୃ ସମ୍ମିଳନୀ ଓ ବାର୍ଷିକୋତ୍ସବ

**ଖଇରା, ୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରାସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ମାତୃସମ୍ମିଳନୀ ଓ ବାର୍ଷିକୋତ୍ସବ ଶୁକ୍ରବାର ଦିନ ଦିବସବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଖଇରା ଥାନା ଆଇଆଇସି ଗୟାଧର ବେହେରା ଉଦ୍‌ଘାଟନ କରିଥିଲେ। ପରିଚାଳକ ଦୀଲ୍ଲିପ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥୀ, ବାଲିଖଣ୍ଡ କଲେଜ ଅଧ୍ୟାପକ ଅନିଲ ଦାସ, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଅକ୍ଷିତ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୁରୁଜୀ ଷ୍ଟାଲିନ ରାଉତ ସ୍ୱାଗତ ଭାଷଣ ଓ ପ୍ରଧାନାଚାର୍ଯ୍ୟ କୈଳାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକୋତ୍ସବରେ ବିଶିଷ୍ଟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ମୁଖ୍ୟଅତିଥି, ଯୁବ ଡାକ୍ତର ଯୁଗାନ୍ତଜ୍ୟୋତି ଦାସ, ଓମପ୍ରକାଶ ମହାପାତ୍ର, ସାରକୋଣା ସରପଞ୍ଚ ସୁଶାନ୍ତ ନାୟକ, ଉପଦେଷ୍ଟା ସୁଦର୍ଶନ ସେଠୀ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ।

# ନୀଳମଣି ମହାବିଦ୍ୟାଳୟରେ ପୂଜ୍ୟପୂଜା ଉତ୍ସବ

**ରୂପସା, ୨୫।୧୨(ସମିସ):** ରୂପସା ନୀଳମଣି ମହାବିଦ୍ୟାଳୟରେ ଶୁକ୍ରବାର ପୂଜ୍ୟପୂଜା ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅଧ୍ୟକ୍ଷ ଡ.ତପନ ବେହେରା ଅଧ୍ୟକ୍ଷତା କରି କଲେଜର ସମସ୍ତ ପ୍ରାକ୍ତନ ଅଧ୍ୟକ୍ଷଙ୍କୁ ବିକାଶର କର୍ଣ୍ଣଧାର ବୋଲି କହିଥିଲେ। ପରିଚାଳନା ସମିତି ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ସାହୁ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ପୂର୍ବତନ ଅଧ୍ୟକ୍ଷ ଡ.ସନ୍ତୋଷ ଦାସ, ପ୍ରଫେସର ପ୍ରଫୁଲ ପାଠୀ, ପ୍ରଫେସର କୁମୁଦ ଚନ୍ଦ୍ର ସାହୁ, ପ୍ରଫେସର ଜୟନ୍ତ ପଣ୍ଡା, ପ୍ରଫେସର ବଂଶୀଧର ଦାସ, ପ୍ରଫେସର ବସନ୍ତ ଭୋଇ, ପ୍ରଫେସର ସୁଧିର ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚାସିନ ସମସ୍ତ ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ସମେତ ପୂର୍ବତନ ପ୍ରାଧ୍ୟାପକ ଡ. ଆଶିଷ ଦାସ, ଡ. ପ୍ରସନ୍ନ ମନ୍ତ୍ରୀ, ପୂର୍ବତନ ବରିଷ୍ଠ କିରାଣୀ ରଘୁନାଥ ସାହୁ, ଲାଇବ୍ରେରୀଆନ ରତ୍ନାକର ଗିରି, ବିଜ୍ଞାନାଗାର ସହାୟକ ରବୀନ୍ଦ୍ର ଓଝାଙ୍କୁ କଲେଜ ତରଫରୁ ମାନପତ୍ର, ଉତ୍ତରୀୟ ଓ ମୁମେଣ୍ଟମ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।



# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ବାଲିଆପାଳ, ୨୫।୧୨(ସମିସ):** ଯୁବ ଓ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ପ୍ରତି ବ୍ଲକରେ ଆରମ୍ଭ ହୋଇଥିବା କ୍ରୀଡା ପ୍ରତିଯୋଗିତା ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତ ବାସୁଦେବପୁର ସ୍ଥିତ ମିନି ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ ଯୋଗଦେଇଥିଲେ। ବାଲିଆପାଳ ବ୍ଲକ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ବିଜେତା ଓ ଉପବିଜେତା ଦଳମାନଙ୍କୁ ଅର୍ଥରାଶି ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି ଉଦଯାନୀ କାର୍ଯ୍ୟକ୍ରମକୁ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ମୁକୁଳ ବାରିକ, କନିଷ୍ଠ ଯନ୍ତ୍ରୀ ସୁବଳ ମଲ୍ଲିକ, ପିଇଓ ସୁଜୟ ସି, ରାଧିକା ଦଣ୍ଡପାଟଙ୍କ ସମେତ ବ୍ଲକ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସ ଯୋଗ କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶୂନ୍ୟ ମନ୍ଦିରର ପ୍ରତିଷ୍ଠା ଦିବସ



**ଚୌକି, ୨୫।୧୨(ସମିସ):** ଭୋଗରାଇ ବ୍ଲକ ମନ୍ଦାରସାହିପାଟଣା ଠାରେ ଥିବା ଶୂନ୍ୟମନ୍ଦିର ସମ୍ପୂର୍ଣ୍ଣ ନିଆରା। ଏଠାରେ କୌଣସି ଦେବା ଦେବୀ ମୂର୍ତ୍ତି ବଦଳରେ ଓଁ କାର ପ୍ରତିମୂର୍ତ୍ତି ପୂଜା ପାଇଥାନ୍ତି। ବଳରାମ ଦାସ ନାମକ ଜଣେ ବାବା ୧୯୯୯ ମସିହାରେ ଡିସେମ୍ବର ୨୪ ତାରିଖରେ ଏହି ମନ୍ଦିର ପ୍ରତିଷ୍ଠା କରିଥିଲେ। ଏବେ ବାବା ବଳରାମ ଦାସ ଇହଜଗତରେ ନାହାନ୍ତି। କିନ୍ତୁ ସ୍ଥାନୀୟ ଶହ ଶହ ଭକ୍ତମାନେ ଦୈନନ୍ଦିନ ମନ୍ଦିରରେ ବିଧି ଅନୁସାରେ ପୂଜାର୍ଚ୍ଚନା କରିଆସୁଛନ୍ତି। ଶୂନ୍ୟ ମନ୍ଦିର ଓ ଅନନ୍ତ ଅବଧୂତ ଗୁରୁକୂଳ ଆଶ୍ରମର ମନ୍ଦିର ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଦୁଇ ଦିନ ଧରି ବାର୍ଷିକ ଉତ୍ସବରେ ୪ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ଅନ୍ନଦାନ କରାଯାଇଥିଲା। ଅନୁଷ୍ଠିତ ହେବାକୁ ଥିବା ସତସଙ୍ଗ ସମ୍ମିଳନୀରେ ସଭାପତିତ୍ୱ କରୁଥିଲେ ଭକ୍ତ ଜୟନ୍ତ କୁମାର ଦାସ ସମ୍ପାଦକ ତଥା ପ୍ରବଚକ ଆଚାର୍ଯ୍ୟ କମଳଲୋଚନ ନାଥ ଅଧ୍ୟକ୍ଷତା କରିଥିଲେ। କୋଷାଧ୍ୟକ୍ଷ ଅରବିନ୍ଦ ତୋଳା, ମୁଖ୍ୟଅତିଥି ସୁଧାଂଶୁ ଶେଖର ମିଶ୍ର, ମୁଖ୍ୟବକ୍ତା ପ୍ରବୀର ତୋଳା, ସମ୍ମାନିତ ଅତିଥି ହରିଶ ଚନ୍ଦ୍ର ନାଥ, ନିଶିକାନ୍ତ ପାତ୍ର, ପ୍ରଭାତ ଭଞ୍ଜ, କାର୍ତ୍ତିକ ଚନ୍ଦ୍ର ସାହୁ, ନିଖିଳ ଚନ୍ଦ୍ର ତୋଳା, ସପନ ବର୍ମନ, ଅନିରୁଦ୍ଧ କାମିଲା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

**ଭୋଗରାଇ, ୨୫।୧୨(ସମିସ):** ଭୋଗରାଇ ବ୍ଲକର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାରବାଟିଆ ସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ରବିବାର ଉଦଘାଟିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ଶିବିରର ଏନଏସଏସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ୭ ଦିନ ଧରି ବିଭିନ୍ନ ଗୋଷ୍ଠୀ ସେବା କାର୍ଯ୍ୟ ପରିଚାଳନା କରିବେ। ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆଙ୍କ ପୌରହିତ୍ୱରେ ଅନୁଷ୍ଠିତ ଶିବିରର ଉଦଘାଟନୀ ସଭାରେ ବାରବାଟିଆ ସରପଞ୍ଚ ବାସୁଦେବ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବିଜୟ କୁମାର ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଦୀପ କୁମାର ପରିଡ଼ା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କୁ ସୂଚନା ଦେଇଥିଲେ। ଅଧ୍ୟାପକ ରାଜେଶ ବଟବ୍ୟାଳ ବେଦପାଠ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଣଶିକ୍ଷକ କର୍ମଚାରୀ ଅଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଗୀତାଯଜ୍ଞ ଜୟନ୍ତୀ ସମାରୋହ

**ଭୋଗରାଇ, ୨୫।୧୨(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ସୋହରିଆ ଗ୍ରାମ ସ୍ଥିତ ଶଙ୍କରୀ ମାତା ଭାଗବତ ଟୁଙ୍ଗୀ ପ୍ରାଙ୍ଗଣରେ ୧୯ ତମ ବାର୍ଷିକ ଗୀତାଯଜ୍ଞ ଜୟନ୍ତୀ ସମାରୋହ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଗାଁ ଲୋକଙ୍କ ସମୂହ ଉଦ୍ୟମରେ ୨୦୦୫ ମସିହାରୁ ଏହି ବାର୍ଷିକ ଗୀତାଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଶଙ୍ଖ, ଝାଲି, ମୃଦଙ୍ଗ ଓ ହୁଳହୁଳି ଧ୍ୱନିରେ ସମଗ୍ର ଗାଁ ପ୍ରକମ୍ପିତ ହୋଇଥିଲା। ପଣ୍ଡିତ ସତ୍ୟବ୍ରତ ତ୍ରିପାଠୀ, ଅଧ୍ୟାପକ ଦେବାଶିଷ ପଣ୍ଡା, ଅଧ୍ୟାପକ ବ୍ରଜବିହାରୀ ପତି, ଅଧ୍ୟାପକ ସମୀର ନନ୍ଦ, ପଣ୍ଡିତ ନରେଶ ପତି, ପଣ୍ଡିତ ଦେବୀପ୍ରସାଦ ପାଢ଼ୀ, ପଣ୍ଡିତ କୃଷ୍ଣେନ୍ଦୁ ତ୍ରିପାଠୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ପଣ୍ଡିତ ସତ୍ୟବ୍ରତ ତ୍ରିପାଠୀ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଚୌକି, ୨୫।୧୨(ସମିସ):** ଭୋଗରାଇ ବ୍ଲକର ସର୍ବପୁରାତନ ଜଳେଶ୍ୱରପୁର ଉଚ୍ଚ ସରକାରୀ ବିଦ୍ୟାଳୟରେ ୧୯୮୨ ମସିହା ବ୍ୟାଚ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦତ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ଛାତ୍ର ଗଣେଶ ଚନ୍ଦ୍ର ପାତ୍ର ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଞ୍ଚକୁ ଆହ୍ୱାନ କରିବା ସହ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ପ୍ରାକ୍ତନ ଛାତ୍ର କମଳଲୋଚନ ସାହୁ, ଅକ୍ଷୟ ସାହୁ, ବସନ୍ତ ମିଶ୍ର, ପ୍ରଦୀପ ଦତ୍ତ, ରଞ୍ଜନ ନାୟକ, ଗତିକୃଷ୍ଣ ପଟ୍ଟନାୟକ, ଜ୍ଞାନେନ୍ଦ୍ର ସାହୁ, ସତ୍ୟବ୍ରତ ପାତ୍ର, ଛାତ୍ରୀ ସୁଲତା ପାତ୍ର, କଳ୍ପନା ରାୟ, ପ୍ରତିଭା କୁଣ୍ଡ, ଛାତ୍ର ଉଦିତ ଭାସ୍କର ଘୋଷ, ପ୍ରଦୀପ ମିଶ୍ର, ସତ୍ୟରଞ୍ଜନ ଭଞ୍ଜ, ରାଧାରମଣ ନାୟକ ପ୍ରମୁଖଙ୍କ ସହ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ୧ରୁ ‘ଭୋଗରାଇ ଉତ୍ସବ-୨୦୨୪’

**ଭୋଗରାଇ, ୨୫।୧୨(ସମିସ):** ରାଜ୍ୟର ସର୍ବାଧିକ ଜନସଂଖ୍ୟା ଏବଂ ସର୍ବବୃହତ ବ୍ଲକ ଭାବେ ପରିଚିତ ବାଲେଶ୍ୱର ଜିଲ୍ଲାର ଉପାନ୍ତ ଭୋଗରାଇ ବ୍ଲକ। ନିଜସ୍ୱ କଳା ଓ ସଂସ୍କୃତିର ବିକାଶ, ଭାଷା ଓ ସାହିତ୍ୟର ସୁରକ୍ଷା, ମା’ ମାଟି ପ୍ରୀତି ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବା ଏବଂ ଆଲୋଚନା ମାଧ୍ୟମରେ ବିଭିନ୍ନ ସାମାଜିକ ଓ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଦାବି ଉପସ୍ଥାପନ କରିବା ଦିଗରେ ‘ଭୋଗରାଇ ଉତ୍ସବ’ ଏକ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରି ଭୋଗରାଇବାସୀଙ୍କ ମୁଖପାତ୍ର ସାଜିଛି। ୨୦୦୮ ମସିହାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଏବେ ‘ଗଣଉତ୍ସବ’ରେ ପରିଣତ ହୋଇଛି। ପ୍ରତିବର୍ଷ ପରି ୨୦୨୪ ଆଗମନୀ ଦିବସ ଜାନୁୟାରୀ ୧ ତାରିଖରୁ ଏହି ଉତ୍ସବ ଆରମ୍ଭ ହୋଇ ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ତଥା ଭୋଗରାଇର କଳା, ସଂସ୍କୃତିର ପ୍ରତିଫଳନ ସହ ସାଧାରଣ ସଭା, ଆକର୍ଷଣୀୟ ମୀନାବଜାର, ବିଭିନ୍ନ କିସମର ପୋଷାକ, ଶୀତବସ୍ତ୍ର, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଓ ଗୃହ ଉପକରଣ ବିପଣୀ, ବିଭିନ୍ନ ସୁସ୍ୱାଦୁ ଫାଷ୍ଟଫୁଡ ଷ୍ଟଲ, ପ୍ରତିଭା ଚୟନ, କ୍ରୀଡା ପ୍ରତିଯୋଗିତା, ସ୍ମରଣିକା ପ୍ରକାଶନ, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବର ସୁପରିଚାଳନା ଓ ସହଯୋଗ କରିବା ପାଇଁ ଉତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଇଂ ରବୀନ୍ଦ୍ର ନାଥ ମହାନ୍ତି, ସଭାପତି ପଙ୍କଜାକ୍ଷ ପଣ୍ଡା, ଉପସଭାପତି ରଘୁନାଥ ମହାନ୍ତି, ରମାକାନ୍ତ କରଣ ଓ ରାଜକୁମାର ଦାସ, ସାଧାରଣ ସମ୍ପାଦକ ପ୍ରଦୀପ ନାୟକ, ସମ୍ପାଦକ ସୁନୀଲ କର ଓ ଗୋପବନ୍ଧୁ ମହାପାତ୍ର, କାର୍ଯ୍ୟାଳୟ ସମ୍ପାଦକ ପରିମଳ ମହାନ୍ତି, କୋଷାଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ହିସାବ ସମୀକ୍ଷକ ପ୍ରମଥ କୁମାର ଗିରି, କାର୍ଯ୍ୟକାରୀ ସଦସ୍ୟ ଦୀପେଶ ଚନ୍ଦ୍ର ରାୟ, ସରପଞ୍ଚ ବରେନ୍ଦ୍ର ପାତ୍ର, ନିଶେଷ ଦେବ, ଯଜ୍ଞେଶ୍ୱର ପାତ୍ର ଓ କବି ଶ୍ରୀକୁମାର ଘୋଷ, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ପଞ୍ଚାୟତ ସମିତି ସଦସ୍ୟା ସନ୍ଧ୍ୟାରାଣୀ ଜେନା ଓ ବିଭିନ୍ନ ଉପ କମିଟିର ସଦସ୍ୟଙ୍କ ସହିତ ସମସ୍ତ ସଦସ୍ୟ ସଦସ୍ୟା ଭୋଗରାଇବାସୀଙ୍କୁ ନିବେଦନ କରିଛନ୍ତି।

# ଗାଁ ମଜଲିସ୍ ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ

**ସୋର, ୨୫।୧୨(ସମିସ):**



ବାସ୍ତବତା ସହିତ ବିଭୋରପଣ ସାହିତ୍ୟକୁ ଚିରକାଳିକ ମୂଲ୍ୟବୋଧରେ ରୂପାନ୍ତିତ କରେ, ମଣିଷକୁ ଖୁବ୍ ପାଖରୁ ଦେଖିବାର କଳା ଶିଖାଏ ବୋଲି ବିଶିଷ୍ଟ କବି ଫନୀ ମହାନ୍ତି ଗାଁ ମଜଲିସ୍ ସାହିତ୍ୟ ସଂସଦର ୩୪ ତମ ସାମ୍ବତ୍ସରିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ। ସୋର, ଉତ୍ତରେଶ୍ୱର ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଉତ୍ସବକୁ ବିଧାୟକ ପର୍ଶୁରାମ ଧଡ଼ା ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ କଥାକାର ଡ. ସତ୍ୟପ୍ରିୟ ମହାଲିକ, ସମ୍ମାନୀୟ ବକ୍ତା ଗାଳ୍ପିକ ଯଶୋବନ୍ତ ସାମଲ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ଅଜୟ ସ୍ୱାଇଁ ଯୋଗଦେଇଥିଲେ। ଉତ୍ସବର ସଭାପତି ଡ.ରମାକାନ୍ତ ବେହେରା ପୌରହିତ୍ୱ କରିଥିଲେ। ଗାଳ୍ପିକ ରଜନୀକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଚନ୍ଦ୍ରମୋହନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ମୁଖପତ୍ର ‘ଶଙ୍ଖବେଳା’, ଶିଳ୍ପୀ ଗୋଲକ ପାତ୍ରଙ୍କ ରଚିତ ‘ପାରମ୍ପରିକ କଳା ଓ କାରିଗରୀ’, କବୀ ଗୀତାରାଣୀ ରାଉତଙ୍କ ‘ଉଡ଼ନ୍ତା ବିହଙ୍ଗ’ ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି ସାରସ୍ୱତ ଉତ୍ସବରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାଯ୍ୟକରି ସଫଳତା ଅର୍ଜନ କରିଥିବା କବି ଫନୀ ମହାନ୍ତି, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଚିରଶ୍ରୀ ଇନ୍ଦ୍ରସିଂ, ଶଶିକାନ୍ତ ଦାସ, କ୍ଷୀରୋଦ ବିଶ୍ୱାଳ, ରଜନୀ ରଞ୍ଜନ, ମମତା ମହାପାତ୍ର, ଅଞ୍ଜଳି କୁମାରୀ କର, ସନ୍ତୋଷିନୀ ଦାସଗିରି, ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଲିପିରେଖା ଶତପଥୀ, ପଦ୍ମଲୋଚନ ଦାସ, ମୁରଲୀଧର ନାୟକ, ଶରତ ଚନ୍ଦ୍ର ମହାପାତ୍ର, ସରୋଜ ମହପାତ୍ର, ମଲ୍ଲିକା ପ୍ରଧାନ, ହେମନ୍ତ ପ୍ରଧାନ, ଜ୍ୟୋତିଲୀନା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଜିତେନ୍ଦ୍ର ବେହରା ମଞ୍ଚ ଆହ୍ୱାନ କରିଥିବା ବେଳେ ଡ.ରବୀନ୍ଦ୍ର ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ଦାମୋଦର ଦାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବଙ୍ଗୀୟ ପର୍ଯ୍ୟଟକ ମୃତ; ୪ ଗୁରୁତର

**ନୀଳଗିରି,୨୫।୧୨(ସମିସ):** ୨ଟି କାର ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳା ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ଜଣ ପର୍ଯ୍ୟଟକ ଗୁରୁତର ହୋଇ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କଲକାତା ପାର୍କଷ୍ଟ୍ରିଟ ନିକଟ ନିୟୁ ମାର୍କେଟ ଅଞ୍ଚଳର କେତେଜଣ ବଙ୍ଗୀୟ ପର୍ଯ୍ୟଟକ ଏକ କାରରେ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳ ପରିଭ୍ରମଣ କରି ମୟୂରଭଞ୍ଜ ଜିଲା ଉଦଳା ନିକଟସ୍ଥ ଦେବକୁଣ୍ଡକୁ ବୁଲିବାକୁ ଯାଉଥିଲେ। ଅପରାହ୍ନରେ ନୀଳଗିରି-ଉଦଳା ପୂର୍ତ୍ତ ରାସ୍ତାର କଳାକାଦ ପ୍ରାଥମିକ ସ୍କୁଲ ସମ୍ମୁଖରେ ଅପରପକ୍ଷରୁ ଆସୁଥିବା ଏକ କାରଟି ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ ଉକ୍ତ କାରରେ ବସିଥିବା ସହଦେବ ଦାସଙ୍କ ସ୍ତ୍ରୀ ପୂରବୀ(୪୨), ଶ୍ରେୟାସୀ ଦାସଙ୍କ ପୁଅ ଯାଦବ(୫୩), ଗୋପାଳ ଦାସଙ୍କ ସ୍ତ୍ରୀ ମୋନିକା(୭୫), ଯାଦବ ଦାସଙ୍କ ସ୍ତ୍ରୀ ପରମିତା (୪୨) ଓ ଅଶୋକ ଚାଟାର୍ଜୀଙ୍କ ପୁଅ ଝଣ୍ଟୁ(୪୪) ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନୀଳଗିରି ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ପୂରବୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱରରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ସମୟରେ ସୋର ନିକଟରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଛି।

## ଚକାଫାଟି ୨ ଆହତ

**ରୂପସା,୨୫ ।୧୨(ସମିସ):** ବସ୍ତା ଥାନା ୬୦ନଂ ଜାତୀୟ ରାଜପଥର ନଳବାହାର ବ୍ରିଜ ନିକଟରେ ବାଇକର ପଛ ଚକା ଫାଟିଯିବାରୁ ଦୁଇ ବଙ୍ଗୀୟ ବାଇକ ରେସର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଏକ ବାଇକରେ ୨ ବଙ୍ଗୀୟ ବାଇକ ରେସର ପୁରୀରୁ ବାହାରି କୋଲକାତା ଅଭିମୁଖେ ଯିବା ସମୟରେ ନଳବାହାର ବ୍ରିଜ ନିକଟରେ ବାଇକର ପଛ ଚକା ଫାଟିଯିବାରୁ ଦୁହେଁ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ପଠାଇଥିଲେ। ଦୁଇ ବାଇକ ରେସରଙ୍କର ପରିଚୟ ମିଳିପାରି ନାହିଁ।

## ଗାଡ଼ି ଜବତ; ୧୧ ଗୋରୁ ଉଦ୍ଧାର

**ସିମୁଳିଆ,୨୫।୧୨(ସମିସ):** ବଜରଙ୍ଗ ଦଳ ପକ୍ଷରୁ ଗୋରୁଗାଡ଼ି ଜବତ କରି ପୁଲିସ ଜିମା ଦେଇଥିବାର ଜଣାଯାଇଛି। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଦେଇ ପ୍ରଶାସନ ଆଖିରେ ଧୂଳି ଦେଇ ଦୈନନ୍ଦିନ ବେଆଇନ ଗୋଚାଲାଣ ହେଉଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ବଜରଙ୍ଗ ଦଳର ସଦସ୍ୟମାନେ ଖବର ପାଇ ମଇତାପୁର ଛକ ନିକଟରେ ଆନ୍ଧ୍ରପ୍ରଦେଶରୁ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଯାଉଥିବା ଏକ ଗୋରୁ ଟ୍ରକକୁ ଅଟକ ରଖି ସିମୁଳିଆ ପୁଲିସ ଜିମା ଦେଇଥିଲେ। ପୁଲିସ ଗୋରୁ ଟ୍ରକକୁ ଜବତ କରି ଉଦ୍ଧାର ୧୧ଟି ଗୋରୁକୁ ମଇତାପୁରସ୍ଥିତ ରୁଦ୍ରାଶ୍ରମ ଗୋଶାଳାରେ ରକ୍ଷଣାବେକ୍ଷଣ ନିମନ୍ତେ ଛାଡିଛି। ଡ୍ରାଇଭର ଓ ତାର ସହଯୋଗୀକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

## ସାଇ ପରିବାର ପକ୍ଷରୁ ରକ୍ତଦାନ ଶିବିର



**ବାଲେଶ୍ୱର,୨୫ ।୧୨(ସମିସ):** ଯୁବନେତା ତଥା ସାଇ ପରିବାର ସ୍ୱେଚ୍ଛାସେବୀ ସଂଗଠନ ସରୋଜ କୁମାର ଲେଙ୍କାଙ୍କ ପକ୍ଷରୁ ଜିଲ୍ଲା ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ଦୁଲାଲସେନ ଜଗଦେବ, ଏଡିଏମଓ ଡ.ମୃତ୍ୟୁଞ୍ଜୟ ମିଶ୍ର, ରକ୍ତଭଣ୍ଡାର ଅଧିକାରୀ ଡ.ବସନ୍ତ ଉପାଧ୍ୟାୟ, ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସାଇ ପରିବାର ଅନୁଷ୍ଠାନର ଚେୟାରମ୍ୟାନ ସରୋଜ ଲେଙ୍କା ରକ୍ତଦାନ କରିଥିଲେ। ଏଥିରେ ୧୦୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସାଇ ପରିବାରର ଅଧ୍ୟକ୍ଷ ଶ୍ରୀକାନ୍ତ ବୁଗୁଡାଇ, ବିଦ୍ୟାଧର ମହାନ୍ତିଙ୍କ ସମେତ ପରିବାରର ସଦସ୍ୟ ଅଶୋକ ତ୍ରିପାଠୀ, ସନ୍ତୋଷ ଦାସ, ବିଜୟ ମାଝୀ, ଉତ୍ତମ ପ୍ରଧାନ, ଅନୀଲ କୁମାର, ଚନ୍ଦ୍ର ଶେଖର ଦେ ପ୍ରମୁଖ ପରିଚାଳନା କରିଥିଲେ।

### ବିପର୍ଯ୍ୟସ୍ତ ଅବସ୍ଥାରେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜପଥ

# ରାସ୍ତା ପାର୍ଶ୍ୱ ପାଲଟିଛି ଆବର୍ଜନା ଡମ୍ପିୟାର୍ଡ

**ବାଲେଶ୍ୱର(ଉତ୍ତର),୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ପାଶ୍ୱର୍ ପାଲଟିଛି ଆବର୍ଜନାର ଡମ୍ପିୟାର୍ଡ। ଏହି ରାସ୍ତା ପାଶ୍ୱର୍ର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଜମି ରହିଥିବା ବେଳେ ସବୁଠାରୁ ଅଧିକ ଜମିଛି ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ବିଜେ ସ୍ଥଳୀ ଠାରୁ ୧ କିମି ଦୂର କରଞ୍ଜଶୋଳ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ। ଏଠାରେ ସ୍ଥାନୀୟ ବଜାରରୁ ବାହାରୁଥିବା କୁଢ଼ କୁଢ଼ ଆବର୍ଜନା ରାସ୍ତା କଡ଼ରେ ବ୍ୟବସାୟୀମାନେ ଗଦା କରୁଥିବା ବେଳେ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ରାସ୍ତା ନିକଟରେ ଥିବା ଜନବସତି ଠାରୁ ଆରମ୍ଭ କରି ପଥଚାରୀ ଏବଂ ଏହି ରାସ୍ତା ଦେଇ ଶହ ଶହ ଗାଡ଼ିମଟର ଦ୍ୱାରା ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର, ତାଳସାରି, ଉଦୟପୁର ଓ ପଶ୍ଚିମବଙ୍ଗ ବେଳାଭୂମିକୁ ଦୈନିକ ଆସୁଥିବା ହଜାର ହଜାର ପର୍ଯ୍ୟଟକମାନେ ଦୁର୍ଗନ୍ଧରେ ନାକ ଟେକୁଥିବା ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଏଠାରେ ଆବର୍ଜନା ପଡ଼ିରହୁଥିବା ବେଳେ ଏଥିପ୍ରତି ନା ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ, ନା ସ୍ଥାନୀୟ ପଞ୍ଚାୟତ କିମ୍ବା ବଜାର କମିଟି ତଥା ମନ୍ଦିର ଟ୍ରଷ୍ଟ ବୋର୍ଡ କର୍ତ୍ତୃପକ୍ଷ କେହି ସଫା କରିବା ପାଇଁ ତତ୍ପରତା ପ୍ରକାଶ କରୁନାହାନ୍ତି। ଆବର୍ଜନା ଗୁଡ଼ିକ ପଚିସଢ଼ି ସ୍ଥାନୀୟ ଅଞ୍ଚଳର ପରିବେଶକୁ ପ୍ରଦୂଷିତ କରିସାରିଲାଣି। ତୁରନ୍ତ ଏହି ଆବର୍ଜନାକୁ ଏଠାରୁ ସଫା କରିବା ସହ ଭବିଷ୍ୟତରେ ଏଭଳି ରାସ୍ତାକଡ଼ରେ ଆଉ ଆବର୍ଜନାକୁ ନ ଫିଙ୍ଗିବା ପାଇଁ କଟକଣା ଜାରି କରିବାକୁ ସାଧାରଣ ଦାବି ହୋଇଛି।



■ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଏମ୍‌ଏମ୍‌ସିସିକୁ ହରାଇ ବାପୁଜୀ କ୍ଲବ୍ ଚାମ୍ପିଅନ



**ସୋର,୨୫।୧୨(ସମିସ)**

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ମହାବୀର ଖେଳ ପଡ଼ିଆରେ ସର୍ବଭାରତୀୟ ମହାବୀର କପ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଏମଏମସିସି, ସମ୍ବଲପୁରକୁ ହରାଇ ବାପୁଜୀ କ୍ଲବ ଭୁବନେଶ୍ୱର ରୌପ୍ୟ ଜୟନ୍ତୀ କପ ଚାମ୍ପିୟନ ହୋଇଛି। ଆଜି ଅନୁଷ୍ଠିତ ରୌପ୍ୟ ଜୟନ୍ତୀ କପର ଫାଇନାଲ ମ୍ୟାଚ ଏମଏମସିସି, ସମ୍ବଲପୁର ଏବଂ ବାପୁଜୀ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାପୁଜୀ କ୍ଲବ, ଭୁବନେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୭ ଓଭରରେ ସମସ୍ତ ୱିକେଟ୍ ହରାଇ ୨୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଏମଏମସିସି, ସମ୍ବଲପୁର,୧୩ ଓଭରରେ ସମସ୍ତ ୱିକେଟ ହରାଇ ୪୭ ରନ୍ କରି ପରାଜିତ ହୋଇଥିଲା। ବାପୁଜୀ କ୍ଲବର ବ୍ୟାଟ୍ସମ୍ୟାନ ସାୟଦ ଜାକି ୩୫ ବଲରୁ ୫୮ ରନ ଏବଂ ଆର୍ଯ୍ୟଶ୍ରୀ ଭଞ୍ଜ ୫୮ ବଲରୁ ୫୦ ରନ ସଂଗ୍ରହ କରିଥିଲେ। ବିଜୟୀ ବାପୁଜୀ କ୍ଲବର ଅଲରାଉଣ୍ଡର ସାୟଦ ଜାକି ୩୫ ବଲରୁ ୫୮ ରନ ଏବଂ ୫ ବଲ ବୋଲିଂ କରି ୩ ୱିକେଟ ଦଖଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ କ୍ଲବ ସଭାପତି ଅଖିଳରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବୀରେନ୍ଦ୍ର ଜେନା ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ଶିବାନୀ ଶଙ୍କର ରାୟ, ଡ଼. ଲକ୍ଷ୍ମୀ ପ୍ରସାଦ ରାଉତ, ଦେବେନ୍ଦ୍ର ପ୍ରଧାନ, ଗୋଲକ ପାତ୍ର, ନରେନ୍ଦ୍ର ସାମଲ, ଦୀନବନ୍ଧୁ ନାୟକ, ପୁଷ୍ପଲତା ଜେନା, ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ପ୍ରସାଦ ନାୟକ, ଅନାଦି ସାମଲ ଯୋଗଦେଇ ଚମ୍ପିୟାନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟାର ଦେବବ୍ରତ ଦାସ ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ।

## ବିଜେଡି ଯୁବନେତା ହରୀଶ ଡଗରାଙ୍କ ପରଲୋକ

**ଚନ୍ଦନେଶ୍ୱର,୨୫।୧୨(ସମିସ)**

ଭୋଗରାଇ ବ୍ଲକ୍ ଟୁକୁରୀହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ଖାସ ଗ୍ରାମର ବିଶିଷ୍ଟ ଯୁବ ସମାଜସେବୀ ତଥା ବିଜେଡି ନେତା ହରୀଶ ଡଗରା (୫୪)ଙ୍କ ପରଲୋକ ହୋଇଯାଇଛି। ଆଜି ସକାଳ ୫ଟା ୪୦ ମିନିଟ ସମୟରେ ପ୍ରାତଃଭ୍ରମଣ ପରେ ସ୍ନାନ ସାରି ଠାକୁରଘରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପ୍ରାର୍ଥନା କରୁଥିବା ସମୟରେ ହଠାତ୍ ହୃଦଘାତରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ଡଗରାଙ୍କ ମୃତ୍ୟୁରେ ସମଗ୍ର ଭୋଗରାଇରେ ଶୋକର ଛାୟା ଖେଳିଯାଇଛି। ସମାଜସେବୀ, ଆଗଧାଡ଼ିର ଚାଷୀ, ବିଜୁ ଜନତା ଦଳର ସକ୍ରିୟ ସଦସ୍ୟ, ଭୋଗରାଇର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ, ମେଳାପୀ ଜନଦରଦୀ ନେତା ହିସାବରେ ସେ ଭୋଗରାଇ ତଥା ପଞ୍ଚାୟତର ଘରେ ଘରେ ପରିଚିତ ଥିଲେ। ତାଙ୍କର ଶବାଧାରକୁ ଟୁକୁରୀହାଜିରା, ଜଗନ୍ନାଥପୁର, ଶଙ୍ଖାରୀ, ଶ୍ରଦ୍ଧାପୁର, କାନ୍ଠଥଭଉଁରୀ, ନାରାୟଣ ମହାନ୍ତି ପଡିଆ, ହୁଗୁଳି ଓ ଗୋଛିଦାତେଘରି ଆଦି ପଞ୍ଚାୟତ ପରିକ୍ରମା ପରେ ଟୁକୁରୀହାଜିରା ଓ ପଶରବିନ୍ଧା ପଞ୍ଚାୟତ ସୀମାରେ ଆଉସାବନ୍ଧ ପାଖ ସ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ମୃତ୍ୟୁଖବର ପାଇବା ପରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ସମାଜସେବୀ ବିଶ୍ୱଜିତ ଦାସ, ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବିର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଗଣପତି ଗିରି, ମାନସ ମହାନ୍ତି, ଅଂଶୁମାନ ମହାନ୍ତି, ଅଚ୍ୟୁତ ଦାସ, ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କର ଜୋନ ଡାଇରେକ୍ଟର ଆଶିଷ ପାତ୍ର, କୌଶିକ ଚାନ୍ଦ, ସପନ ପ୍ରଧାନ, ୩୨ନଂ ଜୋନର ଜିଲ୍ଲା ପରିଷଦ କବିତା ମହାନ୍ତି, ୩୫ନଂ ଜୋନର ପ୍ରତିମା ଚାନ୍ଦ, ବାଦଲ ସେନାପତି, ଟୁକୁରୀହାଜିରା ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁ, ପଷରବିନ୍ଧା ପଞ୍ଚାୟତ ସରପଞ୍ଚ ସୁମନ୍ତ ବେହେରା, ଜଗନ୍ନାଥପୁର ପଞ୍ଚାୟତ ସମିତି ସଦସ୍ୟ ଶ୍ରୀକାନ୍ତ ଦାସ, ଚନ୍ଦନ ପାତ୍ର, ଶ୍ୟାମାନନ୍ଦୀପୁର ପଞ୍ଚାୟତ ସରପଞ୍ଚ



ରାଜେଶ୍ୱରୀ କାମିଲା, ଭୁବନାନନ୍ଦ ଦାସ, ବିକ୍ରମ କେଶରୀ ଚାନ୍ଦ, ସନ୍ତୋଷ ସାସମଲ, ବିଜୟକେତନ ପଟ୍ଟନାୟକ, ଈଶ୍ୱର ଚନ୍ଦ୍ର ଗିରି, ଭାଗିରଥ ପୃଷ୍ଟି, ପର୍ଶୁରାମ ଆଧେକ ପ୍ରମୁଖ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସମାଜସେବୀ ତଥା ରାଜ୍ୟ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ, ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପଙ୍କଜାକ୍ଷ ପଣ୍ଡା, କବି ଶ୍ରୀକୁମାର ଘୋଷ, ସାମ୍ବାଦିକ ବିଶ୍ୱମ୍ବର ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ତଥା ଟୁକୁରୀହାଜିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ସରସ୍ୱତୀ ଡଗରା ଉପସ୍ଥିତ ଥିଲେ।

## ସୀମାନ୍ତ ମହୋତ୍ସବର ୩ୟ ସନ୍ଧ୍ୟା



**ଜଳେଶ୍ୱର ବ୍ଲକ,୨୫।୧୨(ସମିସ):** ପଶ୍ଚମବଙ୍ଗକୁ ଲାଗି ଉପାନ୍ତ ଜଳେଶ୍ୱର ଠାରେ ୯ଦିନ ଧରି ଚାଲିବାକୁ ଥିବା ସୀମାନ୍ତ ମହୋତ୍ସବର ୩ୟ ସନ୍ଧ୍ୟାରେ ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ଡ.ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମୁଖ୍ୟବକ୍ତାଭାବେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଡ. ଅଦୈତ୍ୟ ପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ଖାଉଟି ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ମାହାତୋ, ବାଙ୍କୁଡା ବିଶ୍ୱବିଦ୍ୟାଳୟର ଆଇନ୍ ବିଭାଗ ଅଧ୍ୟାପିକା ଅଞ୍ଜନା ମାହାତୋ, ଭୋଗରାଇ କଲେଜର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇଥିଲେ। ସୁଧିର କର ମଞ୍ଚ ଆହ୍ୱାନ କରିଥିବା ବେଳେ ରବିନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସମାଜସେବୀ ସଂଗ୍ରାମ କେଶରୀ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନେ ଝୁମିଥିଲେ।

# ଧାନ ମଣ୍ଡି ଉଦ୍‌ଘାଟନ କଲେ ଜିଲ୍ଲାପାଳ

### ଚାଷୀଙ୍କ ହାତରେ ଫିତା କଟାଇ ଚର୍ଚ୍ଚାରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ



**ବାହାନଗା,୨୫।୧୨(ସମିସ)**

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବାହାନଗା ସେବା ସମବାୟ ସମିତି ପକ୍ଷରୁ ଆଜି ବାରିକପୁର ହାଟରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଧାନମଣ୍ଡି ଉଦଘାଟନ କରିଛନ୍ତି। ଚଳିତ ବର୍ଷ ବାହାନଗା ସେବା ସମବାୟ ସମିତିରେ ଖରିବ ଋତୁରେ ମଣ୍ଡିରେ ଧାନ ବିକ୍ରି ପାଇଁ ୧୦୯ ୯ ଜଣ ଚାଷୀ ଅନଲାଇନରେ ଆବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୯ ହଜାର ୫୦୦ କ୍ୱିଣ୍ଟାଲ ଧାନ ଚାଷୀଙ୍କ ନିକଟରୁ କିଣିବା ପାଇଁ ସମିତିକୁ ଟାର୍ଗେଟ ଆସିଛି। ଆଜି ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ସିନ୍ଦେ ମଣ୍ଡିରେ ଧାନ ବିକ୍ରି ପାଇଁ ଆସିଥିବା ଚାଷୀ ଜୟନ୍ତ କୁମାର ସାହୁଙ୍କ ଦ୍ୱାରା ଉଦଘାଟନୀ ଫିତା କଟାଇ ଚର୍ଚ୍ଚାକୁ ଆସିଛନ୍ତି। ଏହି ଉଦଘାଟନୀ ସମୟରେ ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ଏସିଏସଓ ହିମାଂଶୁ ସାହୁ, ବାହାନଗା ବିଡିଓ ରବୀନ୍ଦ୍ର ସେଠୀ, ବ୍ଲକ ଯୋଗାଣ ଅଧିକାରୀ ନିରଞ୍ଜନ ସାହୁ, ଆରଏମସିର ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଗ୍ରେଡର ଗୋବିନ୍ଦ ଚନ୍ଦ୍ର ଜୀ, ସମବାୟ ସମିତି ସଭାପତି ଶରତ ରାଜ, ସମ୍ପାଦକ ଲୋପାମୁଦ୍ରା ରଣା, ସରୋଜିନୀ ମହାନ୍ତି, ଜୟାନନ୍ଦ ମଲ୍ଲିକ, ବାବା ରାଇସ ମିଲର ପଙ୍କଜ କୁମାର ଅଗ୍ରୱାଲ ସହ ଜିଲ୍ଲା ଏବଂ ବ୍ଲକସ୍ତରର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ସିନ୍ଦେ ଚାଷୀଙ୍କୁ ଅମଳ ସମ୍ପର୍କରେ ପଚାରିବା ସହ ଚାଷଜନିତ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏମିତି କି ଧାନ ବିକ୍ରି ସମୟରେ ଚାଷୀଙ୍କର କୌଣସି ସମସ୍ୟା ଯେପରି ନ ହେବ ସେ ଦିଗରେ ବିଶେଷ ଧ୍ୟାନ ଦିଆଯିବ। ପରେ ଆଜି ଟୋକନ ପାଇଥିବା ଚାଷୀ ଜୟନ୍ତ କୁମାର ସାହୁଙ୍କ ଧାନର ଧାନର ଆଦ୍ରତା ଏବଂ ମାନ ଯାଞ୍ଚ କରାଯାଇ ତାଙ୍କ ନିକଟରୁ ୩୫ କ୍ୱିଣ୍ଟାଲ ୧୩ କେଜି ଧାନ କିଣା ଯାଇଛି।

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



**ବାହାନଗା,୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତରେ ଥିବା ବାସୁଳୀ ମନ୍ଦିର ଏବଂ ବଡ଼ଗାଁ ବାଶୁଳି ହାଇସ୍କୁଲ ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ। ଖବର ଅନୁସାରେ ଜିଲ୍ଲାପାଳ ଶ୍ରୀ ସିନ୍ଦେ ବାହାନଗା ଧାନମଣ୍ଡି ଉଦଘାଟନ ଗସ୍ତରେ ଆସିଥିବା ବେଳେ ପଥରପେଣ୍ଠ ପଞ୍ଚାୟତର ବଡ଼ଗାଁରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ ଲକ୍ଷ ଟଙ୍କା ଅନୁଦାନରେ ମା' ବାସୁଳୀ ମନ୍ଦିରର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଦେଖିବା ସହ ତୁରନ୍ତ କିଭଳି କାର୍ଯ୍ୟ ସରିବ ସେନେଇ ସମୀକ୍ଷା କରିଥିଲେ। ସେହିପରି ବଡ଼ଗାଁ ବାଶୁଳୀ ହାଇସ୍କୁଲଟି '୫-ଟି'ରେ ଅନ୍ତର୍ଭୁକ୍ତ ହୋଇ କାର୍ଯ୍ୟ ଜାରି ରହିଥିବାରୁ ସେହି କାର୍ଯ୍ୟ ଯଥାଶୀଘ୍ର କିଭଳି ଶେଷ କରାଯିବ ସେ ବାବଦରେ ବାହାନଗା ବିଡିଓ ରବୀନ୍ଦ୍ର ସେଠୀ ଏବଂ ପଥରପେଣ୍ଠ ସମିତି ସଭ୍ୟ ଇଂ ଶରତ ରାଜଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

## ଶିକ୍ଷକ ଅଭାବକୁ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



**ବାହାନଗା,୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପ୍ରାଣବନ୍ଧୁ ବିଦ୍ୟାପୀଠରେ ୮ମରୁ ୧୦ମ ପର୍ଯ୍ୟନ୍ତ ୧୦୦ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସ୍କୁଲରେ ୨ ଜଣ ଶିକ୍ଷକ ଥିବା ବେଳେ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏମିତି କି କାର୍ଯ୍ୟରତ ୨ ଜଣ ଶିକ୍ଷକ ଆସନ୍ତା ମାର୍ଚ୍ଚ ମାସରେ କାର୍ଯ୍ୟରୁ ଅବସର ନେବେ। ଫଳରେ ସ୍କୁଲରେ କୌଣସି ଶିକ୍ଷକ ରହିବେ ନାହିଁ। ଏହାକୁ ଉପଲବ୍ଠଧ କରି ଜିଲ୍ଲାପାଳଙ୍କ ବାହାନଗା ଗସ୍ତ ସମୟରେ ଆଲୁମିନି କମିଟି ସଦସ୍ୟା ଜୟନ୍ତୀ ବେହେରା ସ୍କୁଲରେ ଶିକ୍ଷକ ପଦ ପୂରଣ କରିବା, ଏମିତି କି ସ୍କୁଲର ଉନ୍ନତିକରଣ ପାଇଁ ମୋ ସ୍କୁଲ ଅଭିଯାନରେ ଆଲୁମନି କମିଟି ଜମା କରିଥିବା ୬ ଲକ୍ଷ ଏବଂ ସମୁଦାୟ ମୋ ସ୍କୁଲ ଅଭିଯାନର ୧୮ ଲକ୍ଷ ଟଙ୍କାରେ ହୋଇଥିବା କାର୍ଯ୍ୟର ହିସାବ ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଅଭିଯୋଗ ପାଇବାପରେ ତତକ୍ଷଣାତ ଆକ୍ସନ ମୋଡକୁ ଆସିଥିଲେ। ସଙ୍ଗେ ସଙ୍ଗେ ଜିଲ୍ଲା ଶିକ୍ଷାଧିକାରିଣୀଙ୍କୁ ଫୋନ କରି ତୁରନ୍ତ ସ୍କୁଲରେ ପାଠପଢ଼ାରେ ସମସ୍ୟା ନ ହେବା ପାଇଁ ଶିକ୍ଷକ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି

**ତୁରନ୍ତ ଶିକ୍ଷକ ନିଯୁକ୍ତ କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

ମୋ ସ୍କୁଲ ଅଭିଯାନରେ ଖର୍ଚ୍ଚ ହୋଇଥିବା ସମୁଦାୟ ୧୮ ଲକ୍ଷ ଟଙ୍କାର ହିସାବ ତୁରନ୍ତ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଆଜି ବଡ଼ଦିନ ପାଇଁ ସରକାରୀ ଛୁଟିଥିଲେ ସୁଦ୍ଧା ଅଭିଯୋଗ ପାଇବା ମାତ୍ରେ ଜିଲ୍ଲାପାଳଙ୍କ ଆକ୍ସନକୁ ନେଇ ସବୁଆଡେ ଚର୍ଚ୍ଚା ଜୋର ଧରିଛି।

